# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୨ ନଭେମ୍ବର ୨୦୨୫ । ଶନିବାର



## ନକଲିକୁ ବାନ୍ଧିଲା ଅସଲି ପୋଲିସ

**ବାଲିପାଟଣା: ଏକ୍ସପ୍ରେସ ନ୍ୟୁଜ୍**

ମିଛ ପୋଲିସକୁ ବାନ୍ଧିଛି ସତ ପୋଲିସ । ଏପରି ଏକ ଘଟଣା ଦେଖିବାକୁ ମିଳିଛି ବାଲିପାଟଣା ଥାନା ଅନ୍ତର୍ଗତ ବନମାଳୀପୁର ଅଞ୍ଚଳରେ । ସୂଚନା ଅନୁଯାୟୀ ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ କରଡାବଣୀ ଗ୍ରାମର ତପସ୍ୱିନୀ ନାୟକ ପିତା ଭୂଷଣ ନାୟକ ଶୁକ୍ରବାର ବନମାଳୀପୁର ନୂଆପାଟଣା ଓ ଦିଓ୍ୱାନପାଟଣା ଅଞ୍ଚଳରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ସମୟରେ ବନମାଳୀପୁର ଫାଣ୍ଡି ଅଧିକାରୀ ରାକେଶ କୁମାର ସାମଲଙ୍କ ହାବୁଡରେ ପଡ଼ିଥିଲା । ଫାଣ୍ଡି ଅଧିକାରୀ ଏଠାରେ କ'ଣ କରୁଛ ବୋଲି ପଚାରିବାରୁ ଯୁବକ ଜଣଙ୍କ ଏଠାରେ ଆଗାମୀ ସମୟରେ କିଛି ଗଣ୍ଡଗୋଳ ହେବାର ଅଛି ତେଣୁ ମୁଁ ତଦାରଖ କରିବାକୁ ଆସିଛି ବୋଲି ପ୍ରକାଶ କରିଥିଲେ । ଏଥିରେ ସନ୍ଦେହ ପ୍ରକାଶ କରି ଯୁବକକୁ ଫାଣ୍ଡିକୁ ଆଣି ପଚରାଉଚରା କରିବା ପରେ ସେ ନକଲି ବୋଲି ଜଣାପଡ଼ିଛି । ଯୁବକଙ୍କ ନିକଟରୁ ଗୋଟିଏ କାର ସହିତ ତିନିହଳ ପୋଲିସ ଡ୍ରେସ ଓ ଆଇ କାର୍ଡକୁ ପୋଲିସ ଜବତ କରିଛି । ଉକ୍ତ ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।



## ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଗୋପ: ଏକ୍ସପ୍ରେସ ନ୍ୟୁଜ୍**

ବିଗତ କିଛି ବର୍ଷ ହେବ ଓଡିଶାର ବିଭିନ୍ନ ବ୍ଲକ ଓ ଏନ୍‌ଏସି ଏବଂ ସବଡ଼ିଭିଜନ ସ୍ତରରେ ସୃଷ୍ଟି ହେଉଥିବା ସମସ୍ୟାର ସମାଧାନ କ୍ଷେତ୍ରରେ ଆଟା ପକ୍ଷରୁ ନିରବଚ୍ଛିନ୍ନ ଭାବେ ପ୍ରୟାସ କରୁଛନ୍ତି । ବାସ୍ତବରେ ଏହା ଅତ୍ୟନ୍ତ ସ୍ୱାଗତ ଯୋଗ୍ୟ କାର୍ଯ୍ୟ ଅଟେ ଶାସକ ଓ ଶାସିତଙ୍କ ମଧ୍ୟରେ ଏକ ବ୍ରିଜ ସଦୃଶ କାର୍ଯ୍ୟ କରୁଥିବାରୁ ଆଟାର ପ୍ରତେକ ସଦସ୍ୟ ଓ ସଦସ୍ୟାଙ୍କୁ ବିଭିନ୍ନ କ୍ଷେତ୍ରରେ ସମ୍ମାନିତ ସାମ୍ପ୍ରତିକ ହେବା ସହିତ ଆକ୍ରୋଶର ଶିକାର ହେବାକୁ ପଡୁଛି । ଏମିତି ନିଜ ଜୀବନ ପ୍ରତି ବିପଦ ଥାଇ ମଧ ସମସ୍ୟାର ସମାଧାନ କ୍ଷେତ୍ରରେ ସଦାସର୍ବଦା ଅଗ୍ରସର ।



ପରିସ୍ଥିତିରେ ଶ୍ରୀମନ୍ଦିର ଶ୍ରଦ୍ଧାଳୁ ଭକ୍ତଙ୍କ ସଂଖ୍ୟା ଦୈନନ୍ଦିନ ବୃଦ୍ଧି ପାଉଛି । ଯାହା ଫଳରେ ଅନେକ ଭକ୍ତ ଦର୍ଶନ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ସୁଗମ ଓ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନିମନ୍ତେ ଶୁକ୍ରବାର ଆସୋସିଏସନ୍ ଅଫ ଟୁଇଟର ଆକ୍ଟିଭିଷ୍ଟ (ଆଟା) ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଏକ ପ୍ରସ୍ତାବିତ ଦାବିପତ୍ର ଉନ୍ନୟନ ପ୍ରଶାସକଙ୍କୁ ପ୍ରଦାନ କରାଯାଇଛି । ଯେଉଁଥିରେ ଦର୍ଶନ ବ୍ୟବସ୍ଥା ସମ୍ବନ୍ଧିତ ପ୍ରସ୍ତାବ ଗୁଡ଼ିକ ଉପସ୍ଥାପନ କରାଯାଇଛି । ଭକ୍ତମାନେ ଚାରି ଦ୍ୱାରରେ ପ୍ରବେଶ କରି ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟ ସାମ୍ନା ବାରିକେଡ ମଧ ଦେଇ ସାତ ପାହାଚରେ ପହଞ୍ଚିବେ । ତଥା ସାତ ପାହାଚ ଚଢ଼ି ଗରୁଡ଼ଙ୍କ ସାମ୍ନାରେ ଯାଇ ଭକ୍ତମାନେ ଗରୁଡ଼ଙ୍କୁ ପାର ହୋଇ ଡାହାଣ ଦିଗକୁ ବୁଲି ରାମ୍ପରେ ଚଢ଼ିବେ ଏବଂ ଏହି ଖମ୍ବ ଠାରୁ ହୁଣ୍ଡି ପର୍ଯ୍ୟନ୍ତ ସ୍ଥାନରେ ରାମ୍ପ ପଡିବ । ନାଟ ମଣ୍ଡପ ଖମ୍ବ ପାଖରେ ଥିବା ଅଲମିରା କଢାଯିବ । ଭକ୍ତମାନେ ରାମ୍ପ ଉପରେ ଚଢ଼ି ଉଚ୍ଚାକୁ ଯାଇ ଚକା ଆଖିକୁ ଦର୍ଶନ କରି ପାରିବେ । ଶ୍ରୀ ଗୁଣ୍ଡିଚା ମନ୍ଦିରରେ ଥିବା ଅସ୍ଥାୟୀ ରାମ୍ପକୁ ଶ୍ରୀମନ୍ଦିରରେ ପରୀକ୍ଷା ମୂଳକ ଭାବେ ବ୍ୟବହାର କରିବା । ଚଳିତଥର ଶ୍ରୀମନ୍ଦିର ପ୍ରଶାସନ ରଥଯାତ୍ରା ଭଳି ଭିଡରେ ଭକ୍ତମାନଙ୍କୁ ରାମ୍ପ ଯୋଗୁଁ ଶୃଙ୍ଖଳିତ ଦର୍ଶନ କରାଇ ପାରିଥିଲେ । ସେହିପରି ମା' ଲକ୍ଷ୍ମୀଙ୍କ ଗର୍ଭଗୃହକୁ ଯାଇ ପ୍ରତିମାକୁ ଛୁଇଁବା ନିଷେଧ କରାଯିବା ଆବଶ୍ୟକ । ଭକ୍ତମାନେ ଦର୍ଶନ ସାରି ଶ୍ରୀମନ୍ଦିର ବାହାରକୁ ଆସି ପରିକ୍ରମା ମାର୍ଗରେ ବସି ଭଜନ, କୀର୍ତନ, ଧାନ ଓ ଅଧାୟନ କରିବାକୁ ଅନୁରୋଧ କରାଯିବ । ଭକ୍ତ ଭିତରେ ବେଢାରେ ବସିବା ଦ୍ୱାରା ଭିତର ପରିକ୍ରମାରେ ଅନ୍ୟ ଭକ୍ତଙ୍କ ପାଇଁ ଅନେକ ଅସୁବିଧା ସୃଷ୍ଟି ହେଉଛି । ସେଥିପ୍ରତି ଭକ୍ତ ନ ବସିବା ପାଇଁ ପାଣି ଛିଞ୍ଚନ ବ୍ୟବସ୍ଥା ଠିକ ଅଛି । ଉକ୍ତ ଦାବିପତ୍ରର ଏକକିତା ନକଲ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଆଇନ ମନ୍ତ୍ରୀ, ପର୍ଯ୍ୟଟନ ସଚିବ, ମୁଖ୍ୟ ଶାସନ ସଚିବ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ପଠାଯାଇଛି । ଅନୁଷ୍ଠାନର ସଦସ୍ୟ ଦୀପକ ପ୍ରଧାନ, ସଚ୍ଚିଦାନନ୍ଦ ବିଶୋଇ, ସନ୍ତୋଷ କୁମାର ନାୟକ, ସଚ୍ଚିଦାନନ୍ଦ ଗୋଛାୟତ, ମନୋଜ ପ୍ରଧାନ, ବିଶ୍ୱଜିତ ପଟ୍ଟ ନାୟକ, ବିଶ୍ୱଜିତ ପ୍ରଧାନ, ଦେବରାଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



ଉତ୍କଳ କେଶରୀ ଡ଼ଃ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ବିଧାନସଭା ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

## ସର୍ଦ୍ଦାର ବଲ୍ଲବ ଭାଇ ପଟେଲଙ୍କ ଜୟନ୍ତୀ

**ମାର୍ଶାଘାଇ/ମହାକାଳପଡା : ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ତରଫରୁ ଲୌହ ମାନବ ସର୍ଦ୍ଦାର ବଲ୍ଲବ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା ମହାକାଳପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରା ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ହାଇସ୍କୁଲ ପଡିଆଠାରୁ ବାହାରି ମହାକାଳପଡା ବ୍ଲକ ରାଜାଗଡ଼ ପର୍ଯ୍ୟନ୍ତ ଦୀର୍ଘ ୭କିଲୋମିଟର ବ୍ୟାପି ଆୟୋଜିତ ହୋଇଥିଲା । ଏହି ଅବସରରେ ମୁଖ୍ୟଅତିଥି ଭାବେ ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ସେବା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇଥିଲେ । ଗଡ଼ଜାତ ରାଜ୍ୟ ଗୁଡିକୁ ମିଶ୍ରଣ କରି ଭାରତକୁ ଏକତା ସୂତ୍ରରେ ବାନ୍ଧିବାରେ ସର୍ଦ୍ଦାର ବଲ୍ଲବଭାଇ ପଟେଲଙ୍କ ଅବଦାନକୁ ମନେପକେଇଥିଲେ । ଏହା ସହିତ ଯୁବବର୍ଗ ପଟେଲଙ୍କ ନୀତି ଆଦର୍ଶ ଅନୁସରଣ କରି ଭାରତକୁ ଏକ ଶ୍ରେଷ୍ଠ ରାଷ୍ଟ୍ରରେ ପରିଣତ କରିବାପାଇଁ ଆହ୍ୱାନ ଦେଇଥିଲେ । ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ପଦଯାତ୍ରାରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଡ.ଦୁର୍ଗା ପ୍ରସନ ନାୟକ, କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ଶଶାଙ୍କ ସେଠୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ମାଇ ଭାରତ ଯୁବ କେନ୍ଦ୍ରର ଅଧିକାରୀ ତିରୁପତି ଗୋଲୀ ରେଡ୍ଡୀ, ବିଚିତ୍ର କୁମାର ପରିଡା, ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ରେଳ ଫାଟକରେ ଓଭର ବ୍ରିଜ ନିର୍ମାଣ ପାଇଁ ଦାବିପତ୍ର

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଜଳେଶ୍ୱର-ପଶ୍ଚିମ ବାର୍ଡ ବ୍ୟସ୍ତ ବହୁଳ ରାସ୍ତାରେ ରେଳ ଓଭର ବ୍ରିଜ ନିର୍ମାଣ ଲାଗି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜଳେଶ୍ୱର ଷ୍ଟେସନ ମାଷ୍ଟର ବୃନ୍ଦନ ସିଂଙ୍କୁ ଏକ ଦାବିପତ୍ର ଦିଆଯାଇଛି । ଗୋପବନ୍ଧୁ ଜୟନ୍ତୀରୁ ଆରମ୍ଭ ହୋଇ ମାସାଧିକ କାଳ ଚାଲିଥିବା ଦସ୍ତଖତ ଅଭିଯାନରେ ୭୫ ପୃଷ୍ଠାରେ ସଂଗୃହିତ ୩ହଜାରରୁ ଉର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ଦାବିପତ୍ର ଶୁକ୍ରବାର ରେଳ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଏହି ୪୬ନଂ ରେଳ ଫାଟକ ରାସ୍ତାରେ ବ୍ଲକର ୧୧ଟି ପଞ୍ଚାୟତ, ଜଳେଶ୍ୱର ମ୍ୟୁନିସିପାଲଟିର ୨ଟି ୱାର୍ଡ, ଭୋଗରାଇ, ବାଲିଆପାଳ ଓ ବସ୍ତା ବ୍ଲକର ହଜାର ହଜାର ଯାତ୍ରି ପ୍ରତ୍ୟହ ଚଳାଚଳ କରିଥାଆନ୍ତି । ଏମିତିକି ଉକ୍ତ ରେଳ ଫାଟକରେ ପ୍ରାୟ ୫/୧୦ ମିନିଟ ଅନ୍ତରରେ ଥରେ ଲେଖାଏଁ ଫାଟକର ଗେଟ୍ ପଡ଼ିଥାଏ । ୨୪ ଘଣ୍ଟାରେ ପ୍ରାୟ ଅଧା ସମୟ ଉକ୍ତ ଫାଟକ ବନ୍ଦ ରହୁଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି । ଏହି ସମସ୍ୟା ହୃଦୟଙ୍ଗମ କରି ରେଳ ମନ୍ତ୍ରୀ, ବାଲେଶ୍ୱର ସାଂସଦ ନିର୍ମାଣ ଲାଗି ପ୍ରତିଶ୍ରୁତି ମଧ ଦେଇଥିଲେ । ଓଭର ବ୍ରିଜ ନିର୍ମାଣ ଲାଗି କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏହାସହ ବରିଷ୍ଠ ନାଗରିକ ମଞ୍ଚ ସମେତ ବିଭିନ୍ନ ସାମାଜିକ ସଂଗଠନ ତରଫରୁ, ବିଭାଗୀୟ ଅଧିକାରୀ, ଲୋକ ପ୍ରତିନିଧି ଓ ରେଳମନ୍ତ୍ରୀଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏହି ପରିପ୍ରେକ୍ଷୀରେ ସଭାପତି ଡଃ ରମାକାନ୍ତ ଭଞ୍ଜ, ସମ୍ପାଦକ ଡକ୍ଟର ଲଳିତ ରଞ୍ଜନ ସେନାପତି, କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ଉପ ସଭାପତି କପିଳେଶ୍ୱର ମହାନ୍ତି, ସହ ସମ୍ପାଦକ ଶ୍ରୀମନ୍ତ କୁମାର ଘୋଷ, ଦିଲ୍ଲୀପ କୁମାର ଗିରି, ସୁନିଲ କୁମାର ନାୟକ, ବିକାଶ କୁମାର ଧର, ଅନନ୍ତ କୁମାର ଦତ୍ତ, ପ୍ରମୁଖ ଜଳେଶ୍ୱର ରେଳ ଷ୍ଟେସନ ମ୍ୟାନେଜରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।



## ଅଭୟାରଣ୍ୟ ନାମରେ ଉଚ୍ଛେଦକୁ ବିରୋଧ

**ନୀଳଗିରି: ଏକ୍ସପ୍ରେସ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ନୀଳଗିରିରେ କୁଳଡିହା ଅଭୟାରଣ୍ୟ ସୀମା ନିର୍ଦ୍ଧାରଣ ପାଇଁ ଉଚ୍ଚନ୍ୟାୟାଳୟ ଓଡିଶା ପାଖରେ ଏକ ମୋକଦ୍ଦମା ଚାଲୁଥିବା ବେଳେ ସରକାର ନୀଳଗିରିର ନିରୀହ ଅଧିବାସୀମାନଙ୍କ ଉପରେ ବାରମ୍ବାର ନୋଟିସ ଲଗାଇ ଭୟଭୀତ କରାଉଛନ୍ତି । ଯାହା ଦ୍ୱାରା କି ନିରୀହ ଶାନ୍ତିକାମୀ ଲୋକମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଯାହାକି ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଲୋକଙ୍କ ଉପରେକୁ ପ୍ରଭାବ ପକାଉଛି । ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ପ୍ରଶାସନ ଠାରେ ଏହାକୁ ପ୍ରତିବାଦ କରି ବାରମ୍ବାର ଦାବି କରାଯିବା ସତ୍ତ୍ୱେ ପ୍ରଶାସନ କର୍ଣ୍ଣପାତ କରୁନାହିଁ । ଏହାକୁ ପ୍ରତିବାଦ କରି ଆସନ୍ତା ଡିସେମ୍ବର ମାସ ୧୯ ତାରିଖରେ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ହଜାର ହଜାର ସଂଖ୍ୟାରେ ଲୋକଙ୍କୁ ନେଇ ନୀଳଗିରି ଉପଜିଲ୍ଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବ । ସେଥିପାଇଁ ଆଜି ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର ଆବାହକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ନେତା ସିତାଂଶୁ ସେନାପତି, ନିର୍ମଳ ନାୟକ, ନାରାୟଣ ଧାମୁଡିଆ, ଅମରେନ୍ଦ୍ର ନାୟକ, ପୁରୁଷୋତ୍ତମ ଖଣ୍ଡେଇ, ଗଜେନ୍ଦ୍ର ସିଂ, ଜଗନ୍ନାଥ ସିଂ, ଲକ୍ଷ୍ମୀଧର ସାହୁ, ନରୋତ୍ତମ ମହାପାତ୍ର, ସୁଶାନ୍ତ ଜେନା, ଭାଗବାନ ମହାନ୍ତି, ଶ୍ୟାମ ସିଂ, କରୁଣାକର ବାରିକ, କାଳିଆ ପାତ୍ର, ହେମେନ୍ଦ୍ର ସେଠି, ମୃତ୍ୟୁଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ପାଇଁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



## କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଧାରଣା

**ନୀଳଗିରି: ଏକ୍ସପ୍ରେସ ନ୍ୟୁଜ୍**

ବାଲେଶ୍ୱର କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାଲେଶ୍ୱର ଜିଲ୍ଲାରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ, ଶୁକ୍ରବାର ନୀଳଗିରି ଶାଖା ପକ୍ଷରୁ ପୂର୍ବତନ କଲେଜ ଅଧକ୍ଷ ମନୋରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ନୀଳଗିରି ଉପଜିଲ୍ଲାପାଳଙ୍କ ଅଫିସ ଆଗରେ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଗୋଟିଏ କୃଷି ପ୍ରଧାନ ଜିଲ୍ଲା ଭାବେ ପରିଚିତ । ଉକ୍ତ ଜିଲ୍ଲା ରେ ଲୋକମାନେ ଧାନ, ପାନ, ମୀନକୁ ନେଇ କାଳାତିପାତ କରନ୍ତି । କିନ୍ତୁ ସରକାର କୃଷିକୁ ଗୁରୁତ୍ୱ ଦେଉନାହାନ୍ତି । ତେଣୁ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ହେଲେ ବାଲେଶ୍ୱର ଜିଲ୍ଲାରେ କୃଷକମାନଙ୍କର ଉନ୍ନତି ହେବା ସହିତ ଜିଲ୍ଲାର ବେକାରୀ ସମସ୍ୟା ଦୂର ହୋଇପାରିବ । ଉକ୍ତ କମିଟିର ସାଧାରଣ ସମ୍ପାଦକ ଅଭୟ ମିଶ୍ର, ଉପସଭାପତି ହରିନାରାୟଣ ମଡୁଆଲ, କ୍ଷେତ୍ରେଶ୍ୱରୀ ଦାସ, ପ୍ରଫୁଲ୍ଲ କୁମାର ଦାସ, କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଜରୁରୀ ବୋଲି ଅଭିଭାଷଣ ପ୍ରଦାନ କରିଥିଲେ । ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡଙ୍ଗୀ, ସିପିଆଇ (ଏମ) ନେତା ବିଜୟ କୁମାର ପାତ୍ର, ଅମରେନ୍ଦ୍ର ନାୟକ, ଉମାକାନ୍ତ ଷଡଙ୍ଗୀ, କାଳିଆ ପାତ୍ର, ଷ୍ଟାଲିନ ମିଶ୍ର, ସିପିଆଇ ନେତା ନିରଞ୍ଜନ ବାରିକ, ଗୋବିନ୍ଦ ଚନ୍ଦ୍ର ଭୋଇ, ଉପସ୍ଥିତ ରହି କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କାରୀ ଅଭିଭାଷଣ ପ୍ରଦାନ କରିଥିଲେ । ଶେଷରେ ପ୍ରଫୁଲ୍ଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଧାରଣ ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କ ମାଧମରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।



### ବାଣିଜ୍ୟ

## ଭୁବନେଶ୍ୱରରେ 'ବ୍ରିଲିଆନ୍ସ ଡାୟମଣ୍ଡ ଜୁଏଲରୀ ଶୋ'

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ବିଶ୍ୱର ପ୍ରିୟ ଜୁଏଲର, ଜୟଆଲୁକ୍କାସ୍, ଭୁବନେଶ୍ୱରରେ ତାଙ୍କର ପ୍ରତୀକାତ୍ମକ ଭୁବନେଶ୍ୱରର ଶୋରୁମ୍‌ରେ ୨୧ ନଭେମ୍ବରରୁ 'ବ୍ରିଲିଆନ୍ସ ଡାୟମଣ୍ଡ ଜୁଏଲରୀ ଶୋ' ସହ ଓଡ଼ିଶାକୁ ଆକର୍ଷିତ କରିବାକୁ ପ୍ରସ୍ତୁତ । ଏହି ବହୁ ଅପେକ୍ଷିତ ପ୍ରଦର୍ଶନୀ ଡାୟମଣ୍ଡ ଅଳଙ୍କାରର କାରୁକଳା, ଶୈଳୀ ଏବଂ ନୂତନତାର ଅବିସ୍ମରଣୀୟ ଉତ୍ସବ ପାଳନ କରିବାକୁ ପ୍ରତିବଦ୍ଧ ।

ବିବାହ ଶୃଙ୍ଗାର ସେଟ୍‌ରୁ ଆଧୁନିକ ଦୈନନ୍ଦିନ ଚମକ ପର୍ଯ୍ୟନ୍ତ, ଏହି ପ୍ରଦର୍ଶନୀରେ ସେହି ସମସ୍ତ ପିସ୍ ଦର୍ଶାଇଯାଉଛି ଯାହା ସମୟଅନୁସାରୀ ପାରମ୍ପରିକତାକୁ ଆଧୁନିକ ସୌନ୍ଦର୍ଯ୍ୟ ସହିତ ମିଶାଏ । ପ୍ରତ୍ୟେକ ଡିଜାଇନ୍ ଏକ କଳାକୃତି, ଯାହା କେବଳ ପ୍ରଦର୍ଶନୀ ସମୟରେ ସୀମିତ ସମୟ ପାଇଁ ଉପଲବ୍ଧ ।

ଜୟଆଲୁକ୍କାସ୍ ଗ୍ରୁପର ଚେୟରମ୍ୟାନ, ଡଃ ଜୟ ଆଲୁକ୍କାସ୍‌କହିଛନ୍ତି: ବ୍ରିଲିଆନ୍ସ ଡାୟମଣ୍ଡ ଜୁଏଲରୀ ଶୋ' ହେଉଛି ଡାୟମଣ୍ଡର ଅଟୁଟ ସୌନ୍ଦର୍ଯ୍ୟ ପ୍ରତି ଆମର ସମ୍ମାନ ଏବଂ ଜୁଏଲରୀ ଡିଜାଇନରେ ଆମର ସଂପୂର୍ଣ୍ଣତା ପ୍ରତି ଆଗ୍ରହ । ଭୁବନେଶ୍ୱର ଆମର ଯାତ୍ରାରେ ଏକ ବିଶେଷ ସ୍ଥାନ ଧାରଣ କରିଛି, ଏବଂ ଉତ୍ସବ ଋତୁରେ ଏହି ପ୍ରଦର୍ଶନୀ ଗ୍ରାହକମାନେ ପାଇଁ ସୌନ୍ଦର୍ଯ୍ୟ, ବ୍ୟକ୍ତିତ୍ୱ ଏବଂ ସୂକ୍ଷ୍ମ କାରୁକାର୍ଯ୍ୟର ସର୍ବୋତ୍ତମ ପ୍ରତିବିମ୍ବ ଦେଖିବାକୁ ଏକ ବିଶେଷ ସୁଯୋଗ ଦେବ ।'

ଏହି ଅବସରକୁ ଚିହ୍ନିତ କରିବା ପାଇଁ, ପ୍ରଦର୍ଶନୀ ସମୟରେ ୧ ଲକ୍ଷ ଓ ତାହାଠାରୁ ଅଧିକ ମୂଲ୍ୟର ଡାୟମଣ୍ଡ ଅଳଙ୍କାର କ୍ରୟ କରିଥିବା ପ୍ରତ୍ୟେକ ଗ୍ରାହକଙ୍କୁ ଏକ ମାଗଣା ସୁବର୍ଣ୍ଣ ମୁଦ୍ରା ଦିଆଯିବ, ଯାହା ଶପିଙ୍ଗ୍ ଅନୁଭବକୁ ଅଧିକ ଆଲୋକିତ କରିବ ।

ବ୍ରିଲିଆନ୍ସ ଡାୟମଣ୍ଡ ଜୁଏଲରୀ ଶୋ ଜୟଆଲୁକ୍କାସ୍, ଭୁବନେଶ୍ୱର ଶୋରୁମ୍ ରେ ୭ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଆୟୋଜିତ ହେବ ।



## ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଯୁବ ସମ୍ମିଳନୀ

**ବ୍ରହ୍ମପୁର: ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲାର ଶୈକ୍ଷକ ପ୍ରାଣ କେନ୍ଦ୍ର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଯୁବ ସମ୍ମିଳନୀ ଆୟୋଜିତ ହୋଇଛି । ଏଥିରେ ଭାରତୀୟ ଜ୍ଞାନ ପରମ୍ପରା ଓ ରାଷ୍ଟ୍ର ନିର୍ମାଣରେ ଯୁବବର୍ଗଙ୍କ ଭୂମିକା ଶୀର୍ଷକ ଆଲୋଚନା ଚକ୍ର ଆଲୋଚନା ହୋଇଛି । ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାସ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ଅଖିଳ ଭାରତୀୟ ସଦଭାବନା ପରିଷଦର ଗୋପାଳ ପ୍ରସାଦ ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅସିତ୍ କୁମାର ସାହୁ ଏବଂ ପିଜି କାଉନସିଲ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଯୋଗ ଦେଇଥିଲେ । ଡ. ସଦାନନ୍ଦ ନାୟକ କାର୍ଯ୍ୟକ୍ରମରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସ୍ୱସ୍ତି ସୁନ୍ଦର ସିୟ ମଞ୍ଚ ପରିଚାଳନା କରିଥିବାବେଳେ, ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

## ଯାଜପୁର ଜିଲ୍ଲାରେ ବିଶ୍ୱ ମତ୍ସ୍ୟ ଦିବସ

**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ଶୁକ୍ରବାର ଯାଜପୁର ଜିଲ୍ଲା ସଦରମହକୁମାସ୍ଥିତ ମିଶନ ଶକ୍ତି ଭବନରେ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ରଞ୍ଜିତା ବେହେରା ସ୍ୱାଗତ ଭାଷଣ ଦେବା ସହିତ ଦିବସର ତାତ୍ପର୍ଯ୍ୟ ଓ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ସହକାରୀ ମତ୍ସ୍ୟ ଅଧିକାରୀ ମନୋସ୍ମିତା ନାୟକ ମଞ୍ଚ ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବରେ ଯାଜପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ସଭାକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଯାଜପୁର ଜିଲ୍ଲା କୃଷି ବିଭାଗ ତରଫରୁ ମୁଖ୍ୟ କୃଷି ଅଧିକାରୀ ତପନ କୁମାର ମହାପାତ୍ର କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ଭାବରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁବ୍ରତ କୁମାର ମହାପାତ୍ର ମାଛ ଚାଷ ତଥା ପ୍ରାଣୀ ପାଳନ ଦ୍ୱାରା ଚାଷୀମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ ହେବା ପାଇଁ ଉପଦେଶ ଦେଇଥିଲେ । ଜିଲ୍ଲା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ବେହେରା ପ୍ରାଣୀ ପାଳନ ଉପରେ ଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ସମବାୟ ସମିତିର ସହକାରୀ ନିବନ୍ଧକ ନିହାର ରଞ୍ଜନ ରାଉତରାୟ ସମବାୟ ସମିତିର ବିଭିନ୍ନ କାର୍ଯ୍ୟକଳାପ ତଥା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିର ପୁନରୁତ୍ଥାନ ସମ୍ପର୍କରେ ଆଲୋକପାତ କରିଥିଲେ । ସଭାରେ ସଫଳ ବାୟୋଫ୍ଲକ ଚାଷୀ ଭାବରେ ଧର୍ମଶାଳା ବ୍ଲକର ଗଣେଶ ପରିଡାଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ଭାବେ ରସୁଲପୁର ବ୍ଲକର ଦେବୀ ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ କରି ସମ୍ମାନିତ ହୋଇଥିଲେ । ସମସ୍ତ ବାଇଓଫ୍ଲକ ହିତାଧିକାରୀଙ୍କୁ ୱାଟର ଟେଷ୍ଟିଙ୍ଗ କିଟ ପ୍ରଦାନ କରାଯାଇଥିଲା । ସଭାକୁ ବିଭିନ୍ନ ବ୍ଲକରୁ ଆସିଥିବା ବିଭାଗୀୟ କର୍ମଚାରୀ ଦେବାଶିଷ ସ୍ୱାଇଁ, ସନ୍ଦୀପ ଶଙ୍କର ପଟ୍ଟନାୟକ, ଅତନୁ କୁମାର ସ୍ୱାଇଁ, ମୁନି କୁମାରୀ ହେମ୍ବ୍ରମ, ଦିଲ୍ଲୀପ ରାଉତରାୟ, ପର୍ଶୁରାମ ତ୍ରିପାଠୀ, ଅଜୟ କୁମାର ସିଂ, ପ୍ରଣତି ପ୍ରିୟଦର୍ଶିନୀ ସାହୁ, ସତ୍ୟଜିତ ବାରିକ, ସ୍ୱପ୍ନା ମହାନ୍ତି, ଶୁଭଶ୍ରୀ ନାୟକ, ସୁଭଦ୍ରା ସର୍ଦ୍ଦାର, ସସ୍ମିତା ପ୍ରଧାନ, ମନୀଷା ବାନର, ପ୍ରଦୀପ କୁମାର ମଲ୍ଲିକ, କୈଳାଶ ଚନ୍ଦ୍ର ନାୟକ, ସରୋଜିନୀ ସାହୁ, ହିତେଶ୍ ନାୟକ, ମିହିର ରଞ୍ଜନ ଦାସ, ଅସିତ୍ ଓଝା ପରିଚାଳନା କରିଥିଲେ । ଶେଷରେ ସହକାରୀ ମତ୍ସ୍ୟ ଅଧିକାରୀ ମୀରାବାଈ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



## ମେକ୍ସିକୋର ଫାତିମା ବୋସ୍ ପିନ୍ଧିଲେ ମିସ୍ ୟୁନିଭର୍ସ ମୁକୁଟ

### ସିନେମାଫିନେମା ଟିଭିଫିବି



**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

୭୪ତମ ମିସ୍ ୟୁନିଭର୍ସର ଫଳାଫଳ ଘୋଷଣା ହୋଇଛି । ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ବ୍ରହ୍ମାଣ୍ଡ ସୁନ୍ଦରୀ ୨୦୨୫ର ଫାଇନାଲ ଅନୁଷ୍ଠିତ ହୋଇଥିଲା । ମେକ୍ସିକୋର ଫାତିମା ବୋସ୍ ବ୍ରହ୍ମାଣ୍ଡ ସୁନ୍ଦରୀ ବିଜୟ ମୁକୁଟ ପିନ୍ଧିଛନ୍ତି । ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଭେନେଜୁଏଲାର ଷ୍ଟେଫାନି ଆବାସାଲି । ତୃତୀୟ ସ୍ଥାନରେ ଫିଲିପାଇନ୍ସର ଅହତିସା ମାନାଲୋ ରହିଥିବାବେଳେ ଚତୁର୍ଥରେ କୋଟେ ଡି ଆଇଭୋଏର୍‌ର ଅଲିଭିଆ ୟାକେ ରହିଛନ୍ତି । ସେହିପରି ୧୨ ନମ୍ବରରେ ବି ରହିପାରିଲେ ନାହିଁ ଭାରତର ମନିକା ବିଶ୍ୱକର୍ମା ।

ତେବେ ଫାତିମା ବୋସ୍ ଫର୍ଣ୍ଣାଣ୍ଡିଜ୍ ୧୯ ମଇ ୨୦୦୦ ମସିହାରେ ମେକ୍ସିକୋର ଟେପାରେ ଜନ୍ମଗ୍ରହଣ କରିଥିଲେ । ସେ ଟାବାସ୍କୋର ଭିଲାହେର୍ମସାରେ ପାଠପଢ଼ା ଆରମ୍ଭ କରିଥିଲେ । ଏହାପରେ ସେ ୟୁନିଭର୍ସିଡାଡ୍ ଇବେରୋଆମେରିକାନାରେ ଫ୍ୟାଶନ୍ ଡିଜାଇନ୍ କୋର୍ସ କରିଥିଲେ । ତାଙ୍କର ବୟସ ୨୫ ବର୍ଷ । ଉଚ୍ଚତା ୫ ଫୁଟ ୯ ଇଞ୍ଚ । ସେ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଇତିହାସ ସୃଷ୍ଟି କରିଥିବା ଟବାସ୍କୋର ପ୍ରଥମ ମହିଳା ।

୨୦୨୫ ମିସ୍ ୟୁନିଭର୍ସରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ ମନିକା ବିଶ୍ୱକର୍ମା । ମନିକା ଲଗାତାର ନିଜ୍ ଲୁକ୍ ଓ ୱାକିଙ୍ଗରେ ବିଚାରକଙ୍କ ମନ ଜିତିଥିଲେ । ତେଣୁ ଭାରତୀୟଙ୍କ ପୂରା ବିଶ୍ୱାସ ଥିଲା ଯେ ଏଥର ବ୍ରହ୍ମାଣ୍ଡ ସୁନ୍ଦରୀ ମୁକୁଟ ମନିକାଙ୍କ ମଥାରେ ହିଁ ସାଜିବ । ହେଲେ ଭାରତୀୟଙ୍କୁ ନିରାଶ ହେବାକୁ ପଡିଛି । ଭାରତର ୨୨ ବର୍ଷୀୟ ମନିକା ବିଶ୍ୱକର୍ମା ଏହି ପ୍ରତିଯୋଗିତାରେ ଟପ୍ ୧୨ରେ ବି ସ୍ଥାନ ହାସଲ କରିପାରିଲେ ନାହିଁ । ବିଭିନ୍ନ ଦେଶର ୧୦୦ରୁ ଅଧିକ ସୁନ୍ଦରୀଙ୍କ ସହ ପ୍ରତିଯୋଗୀଙ୍କ କରିଥିଲେ । ହେଲେ ଶ୍ରେଷ୍ଠ ୧୨ରେ ସ୍ଥାନ ହାସଲ କରିପାରିନାହାନ୍ତି । ଶ୍ରେଷ୍ଠ ୧୨ରେ ଚିଲି, ଚକୁବା, କଲୋମ୍ବିଆ, ଚୀନ, ଥାଇଲାଣ୍ଡ ଆଦି ଦେଶର ସୁନ୍ଦରୀମାସେ ସ୍ଥାନ ପାଇଛନ୍ତି ।

ମିସ୍ ୟୁନିଭର୍ସ ୨୦୨୪ ଡେନ୍‌ମାର୍କର ଭିକ୍ଟୋରିଆ କେଜର ଥେଲବିଗ୍ ଗତ ବର୍ଷ ନଭେମ୍ବର ୧୬ରେ ବ୍ରହ୍ମାଣ୍ଡ ସୁନ୍ଦରୀ ବିଜୟ ମୁକୁଟ ପିନ୍ଧିଥିଲେ ଏବଂ ସେ ଏହି ମୁକୁଟ ଜିତିଥିବା ଦେଶର ପ୍ରଥମ ମହିଳା ଥିଲେ । ସେ ଫାତିମାଙ୍କୁ ମିସ୍ ୟୁନିଭର୍ସ ୨୦୨୫ର ବିଜୟ ମୁକୁଟ ପିନ୍ଧାଇଥିଲେ । ୧୯୫୨ରେ ସ୍ଥାପିତ ମିସ୍ ୟୁନିଭର୍ସରେ ବିଶ୍ୱର ସୁନ୍ଦରୀମାନେ ଗୋଟିଏ ମଞ୍ଚରେ ପ୍ରତିଯୋଗିତା କରିଥାନ୍ତି । ଏଥିରେ ଲିଡରସିପ୍, ଶିକ୍ଷା, ସୋସିଆଲ ଇମ୍ପାକ୍ଟ, ଡାଇଭର୍ସିଟି ଏବଂ ପର୍ସନାଲ ଡେଭଲପମେଣ୍ଟକୁ ଗୁରୁତ୍ୱ ଦେଇଥାଏ । ଚଳିତବର୍ଷ ମିସ୍ ୟୁନିଭର୍ସ ବାଦ- ବିବାଦ ପାଇଁ ଚର୍ଚ୍ଚାରେ ରହିଥିଲା । ଜଜ୍ ଏବଂ ମ୍ୟୁଜିସିଆନ ଉମର ଭାଫୁଜଙ୍କ ଦ୍ୱାରା ଫାଇନାଲର ଠିକ୍ ୩ ଦିନ ପୂର୍ବରୁ ଇସ୍ତଫା ଦେଇଥିଲେ । ମିସ୍ ୟୁନିଭର୍ସର ଦ୍ୱିତୀୟ ଜଜ୍ ଫ୍ରାନ୍ସିସ୍ କ୍ଲାଉଡ ମେକେଲେ ବି ଇସ୍ତଫା ଦେଇଥିଲେ । ପ୍ରତିଯୋଗୀ ଓ ଜଜ୍‌ଙ୍କ ସମ୍ପର୍କକୁ ନେଇ ବିବାଦ ଉପୁଜିଥିଲା ।

ସେହିପରି ଫାତିମା ବୋସ୍ ଚଳିତ ମାସ ଆରମ୍ଭରେ ମିସ୍ ୟୁନିଭର୍ସ ମୁକୁଟ ଜିତିବା ନେଇ ଏକ ବିବାଦର ସାମ୍ନା କରିଥିଲେ । ସୂଚନା ଅନୁସାରେ ୨ ସପ୍ତାହ ପୂର୍ବେ ମିସ୍ ୟୁନିଭର୍ସ ଆୟୋଜନ ନାୱାଟ୍ ଇଟସାଗ୍ରିସିଲ୍ ଏକ ବୈଠକ ସମୟରେ ତାଙ୍କୁ ସାର୍ବଜନୀନ ଭାବରେ ସମାଲୋଚନା କରାଯାଇଥିଲା । ଏହା ପରେ ଫାତିମା ବୋସ୍ ବୈଠକରୁ ବାହାରି ଆସିଥିଲେ । ନାୱାଟ୍ ତାଙ୍କୁ ନେଇ 'ମୂର୍ଖ' ଶବ୍ଦ ବ୍ୟବହାର କରିଥିଲେ ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୨୨ ନଭେମ୍ବର ୨୦୨୫ ● ଶନିବାର


## ପୀର୍ ଜାହାନିଆଁ ସମୁଦ୍ର କୂଳରେ କୁମ୍ଭୀର

**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ପୀର୍ ଜାହାନିଆଁ ପର୍ଯ୍ୟଟନ ସ୍ଥଳ ସମୁଦ୍ର କୂଳଠାରୁ ଅଳ୍ପ କିଛି ଦୂର ଗୁଣ୍ଡଳବା ଗ୍ରାମ ସିଧା ସମୁଦ୍ର କୂଳରେ ଆଜି ଅପରାହ୍ନ ସମୟରେ ଦେଖିବାକୁ ମିଳିଛି କୁମ୍ଭୀର। ସୂଚନାଯୋଗ୍ୟ କି ପୀର୍ ଜାହାନିଆଁ ପର୍ଯ୍ୟଟନ ସ୍ଥଳ ଶୀତ ଆରମ୍ଭରୁ ପର୍ଯ୍ୟଟକଙ୍କ ଗହଳି ଦେଖିବାକୁ ମିଳିଛି। ଆଜି ସ୍ଥାନୀୟ ଯୁବକ ଏସ.ଏସ ଜଗନ୍ନାଥ ସମୁଦ୍ର କୂଳକୁ ବୁଲିବାକୁ ଆସିଥିବାବେଳେ ଦେଖିବାକୁ ପାଇଲେ ସମୁଦ୍ର କୂଳରେ ଏକ ୧୦ ଫୁଟ ଲମ୍ବର କୁମ୍ଭୀର। ତାଙ୍କ ପାଟି ଶୁଣି କୁମ୍ଭୀରଟି ସମୁଦ୍ରକୁ ଚାଲିଯାଇଥିବା ସେ ଭିଡିଓ ଉତ୍ତୋଳନ କରିଛନ୍ତି। ତାଙ୍କ କହିବା ଅନୁଯାଇ ପର୍ଯ୍ୟଟନ ଋତୁ ଆସୁଥିବାରୁ ସମୁଦ୍ରରେ ବହୁ ପର୍ଯ୍ୟଟକ ସମୁଦ୍ରରେ ସ୍ନାନ କରିଥାନ୍ତି। ତେଣୁ ସେମାନଙ୍କ ସୁରକ୍ଷିତ ସ୍ନାନ କିମ୍ବା ସ୍ନାନକୁ ବାରଣ କରିବା ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ସମାଜସେବୀ ସର୍ବେଶ୍ୱର ବିଶ୍ୱାଳ ଦାବି କରିଛନ୍ତି।

## ବିପଦଶଙ୍କୁଳ ଅବସ୍ଥାରେ ଛାତ୍ରଛାତ୍ରୀଙ୍କ ଯାତ୍ରାକୁ ନେଇ ଚିନ୍ତାରେ ଅଭିଭାବକ: ପ୍ରଶାସନ ନିରବ

**ଖଣ୍ଡପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ସହରର ବିଭିନ୍ନ ସ୍ଥାନରେ ଅବସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ଠାରୁ ଆରମ୍ଭ କରି ଆଦର୍ଶ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ଦୈନିକ ଯାନବାହନ ଯୋଗେ ବିପଦଶଙ୍କୁଳ ଅବସ୍ଥାରେ ଯାତାୟତ କରୁଥିବାରୁ ସାଧାରଣରେ ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମୁଖ୍ୟ ରାସ୍ତାଦେଇ ଖୋଲାମେଲାରେ ଯାତ୍ରିବାହୀ ଅଟୋ, ଟାଟା ମ୍ୟାଜିକ ଓ ଅନ୍ୟାନ୍ୟ ଗାଡି ଯୋଗେ ବର୍ଷ ବର୍ଷ ଧରି ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଯାଉଥିବାରୁ ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣା/ଅଘଟଣ ଘଟିବାର ଆଶଙ୍କା ପ୍ରକାଶ ପାଇଛି। ଘରୋଇ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଓ ଗାଡି ମାଲିକଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଛାତ୍ରଛାତ୍ରୀମାନେ ଏଭଳି ବିପଦଶଙ୍କୁଳ ଅବସ୍ଥାରେ ଯାତାୟତ କରୁଥିବା ଜଣାପଡିଛି। ଏ ସଂପର୍କରେ ପୋଲିସ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲା ପରିବହନ ବିଭାଗ କର୍ତ୍ତୃପକ୍ଷ ଭଲ ଭାବେ ଅବଗତ ଥିଲେ ହେଁ ସେଭଳି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ନୀରବଦ୍ରଷ୍ଟା ସାଜିଥିବା ଜଣାପଡିଛି। ଏପରିକି ଦୈନିକ ଛାତ୍ରଛାତ୍ରୀଙ୍କୁ ନେବା ଆଣିବା କରୁଥିବା ଗାଡିଗୁଡିକର ଫିଟନେସ ଓ ଆନୁସଙ୍ଗିକ କାଗଜପତ୍ର ଠିକଠାକ ନଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ପ୍ରଶାସନିକ ନୀରବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନେକ ପୁରୁଣା ଗାଡି ଏବେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନଗୁଡିକୁ ନେବା ଆଣିବାରେ ନିୟୋଜିତ ହୋଇଥିବା ଜଣାପଡିଛି। ଏଥିପ୍ରତି ନୟାଗଡ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ଦୃଷ୍ଟି ଦେଇ ଛାତ୍ରଛାତ୍ରୀଙ୍କୁ ନେବା ଆଣିବା କରୁଥିବା ଗାଡିଗୁଡିକର କାଗଜପତ୍ର ଯାଞ୍ଚ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି। ନୟାଗଡ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ସୁପୋଷିତ ଓଡ଼ିଶା ମିଶନ ଲୋକାର୍ପିତ

**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ଶିଶୁମାନଙ୍କ ପୋଷଣ ଓ ସ୍ୱାସ୍ଥ୍ୟ ସୁନିଶ୍ଚିତକରଣ ପାଇଁ 'ସୁପୋଷିତ ଓଡ଼ିଶା ମିଶନ'ର ଶୁଭାରମ୍ଭ ହେବା ସହିତ ଯାଜପୁର ଜିଲ୍ଲାର ଦାନଗଡି ବ୍ଲକର ଶିଶୁମାନେ ମଧ୍ୟ ପ୍ରତ୍ୟକ୍ଷ ଲାଭ ପାଇବେ। ଏହି ମିଶନ ଦ୍ୱାରା ଅଙ୍ଗନବାଡି କେନ୍ଦ୍ରଗୁଡିକୁ ସୁପୋଷିତ କେନ୍ଦ୍ର ଭାବେ ଗଢ଼ି ତୋଳାଯିବ ଓ ଶିଶୁମାନଙ୍କ ପ୍ରତିଦିନର ପୋଷଣ ଅବସ୍ଥାକୁ ଘନିଷ୍ଠ ଭାବରେ ଟ୍ରାକ୍ ବା ତର୍ଜମା କରାଯିବ। ଦାନଗଡି ବ୍ଲକର ଶିଶୁମାନେ ପାଇବାକୁ ଯାଉଥିବା ପ୍ରମୁଖ ଲାଭ ମଧ୍ୟରେ ଅଙ୍ଗନବାଡି କେନ୍ଦ୍ରରେ 'ସୁପୋଷିତ ସେବା' ବୃଦ୍ଧି ପାଇବା ଦ୍ୱାରା ପ୍ରାୟ ୨୦୦ ଉର୍ଦ୍ଧ୍ୱ ପ୍ରତି ଅଙ୍ଗନବାଡି କେନ୍ଦ୍ରରେ ପୋଷଣ ଯୁକ୍ତ ସମ୍ପୂର୍ଣ୍ଣ ଖାଦ୍ୟ, ପ୍ରୋଟିନ୍, ଆୟରନ୍ ଓ ମାଇକ୍ରୋନ୍ୟୁଟ୍ରିଏଣ୍ଟ ସମ୍ବଳିତ ମେନୁ ପ୍ରଦାନ ହେବ। ୬ ମାସରୁ ୬ ବର୍ଷ ଅବଧିର ସମସ୍ତ ଶିଶୁମାନଙ୍କୁ ପ୍ରତିଦିନ ଦିଆଯିବ ଗରମ ଭୋଜନ, ପୋଷଣ ପାଉଡର, ଡିମ୍ ଓ ମିଠା ପାଇବେ। ଅପୁଷ୍ଟ ଓ କମ୍ ଓଜନର ଶିଶୁ ପାଇଁ ବିଶେଷ ଯତ୍ନ ନିଆଯିବ। ଦାନଗଡିରେ ବର୍ତ୍ତମାନ ପ୍ରାୟ ୧୨–୧୫% କମ୍ ଓଜନ ଶିଶୁ ଚିହ୍ନଟ ରହିଥିବା ସୂତ୍ରରୁ ମିଳିଛି। ନୂଆ ମିଶନ୍ ଅନୁସାରେ ପ୍ରତ୍ୟେକ ଶିଶୁଙ୍କୁ ୧୫ ଦିନର ପୋଷଣ କିଟ୍, ସପ୍ତାହିକ ଥରେ ଡାକ୍ତରୀ ଯାଞ୍ଚହେବ ସହିତ ଓଜନ–ଉଚ୍ଚତା ମାପ ଆଦି ସେବା ମିଳିବ। ନୂଆ 'ରୋଷେଇ ପୁସ୍ତକ' ଦ୍ୱାରା ଉନ୍ନତ ଖାଦ୍ୟ ପ୍ରସ୍ତୁତି ଓଡ଼ିଶାର ୧୦୦ରୁ ଅଧିକ ପୋଷଣଯୁକ୍ତ ବ୍ୟଞ୍ଜନ ଥିବା ପୁସ୍ତକଟି ଦାନଗଡି ଅଙ୍ଗନବାଡି କେନ୍ଦ୍ରକୁ ମଧ୍ୟ ପହଞ୍ଚିବ। ପାଚିକାମାନେ ଏହାକୁ ଅନୁସରଣ କରି ଶିଶୁ ପାଇଁ ଅଧିକ ପୋଷଣ ଯୋଗୁଁ ସ୍ଥାନୀୟ ମେନୁ ପ୍ରସ୍ତୁତ କରିପାରିବେ। ସିଲାଇ ୟୁନିଟ୍‌ର ସୁବିଧା ଦାନଗଡି ଅଞ୍ଚଳର ପାଇଁ ଅତିରିକ୍ତ ଲାଭ ଦ୍ୱାରା ନୂଆ ସିଲାଇ ୟୁନିଟ୍ ଦ୍ୱାରା ଅଙ୍ଗନବାଡି କର୍ମୀ ଓ ସୁପରଭାଇଜରମାନେ ଦକ୍ଷତା ଏବଂ ଆୟବୃଦ୍ଧି ଶିଖିବେ। ତେବେ ଆଗକୁ ଦେଖିବାକୁ ବାକି ରହିଲା ଶିଶୁମାନେ କେତେ ଭଲ ପାଇବେ ତାହା ସମୟ କହିବ।

## ଦକ୍ଷତା ବିକାଶ କର୍ମଶାଳା ଉଦଯାପିତ




**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ଏବଂ 'କନ୍ୟା ଅନମୋଲ ହେ'ର ମିଳିତ ଆନୁକୂଲ୍ୟରେ ଆୟୋଜିତ ତ୍ରିଦିବସୀୟ ଦକ୍ଷତା ବିକାଶ କର୍ମଶାଳା ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦକ୍ଷତା ବିକାଶ କର୍ମଶାଳାର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ରୂପେ ରୋଟାରି ୨୦୨୪–୨୫ର ଗଭର୍ଣ୍ଣର ଯଜ୍ଞାଶିଶ ମହାପାତ୍ର ଯୋଗଦେଇ ମହିଳାଙ୍କୁ ଆର୍ଥିକ ରୂପରେ ସ୍ୱତନ୍ତ୍ର ଏବଂ ସଶକ୍ତ କରିବା ପାଇଁ ଏହା ଏକ ସଫଳ ପ୍ରୟାସ ବୋଲି ଅଭିହିତ କରିଥିଲେ। ସମ୍ମାନୀତ ଅତିଥି ରୂପେ କନ୍ୟା ଅନମୋଲ ହେର ପ୍ରତିଷ୍ଠାତା ସରୋଜ କୁମାର ଦାଶ, ଉପସଭାପତି ଲିପୁନ ମହାରଣା ଯୋଗଦେଇଥିଲେ। ଏଥିରେ ମନସ୍ତତ୍ୱ ବିଭାଗ ଅଧ୍ୟାପିକା ମଧୁସ୍ମିତା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶିକ୍ଷକ ରୂପେ ଗୋପୀନାଥ କ୍ରାଫ୍ଟର ନିର୍ଦ୍ଦେଶକ ଅମୀୟ ପୋଦାର ଯୋଗଦେଇଥିଲେ। ଶେଷରେ ବାଣିଜ୍ୟ ବିଭାଗ ଅଧ୍ୟାପକ ବିଷ୍ଣୁ ପ୍ରସାଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରଶିକ୍ଷଣ କର୍ମଶାଳାରେ ମହାବିଦ୍ୟାଳୟର ୬୫ ଜଣ ଛାତ୍ରୀ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ। ଏହି ସମାରୋହରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରୀମାନେ ଯୋଗଦେଇଥିଲେ।

## ଜଙ୍ଗଲ ଅଧିକାର ଆଇନକୁ ମାନୁନି ବନ ଉନ୍ନୟନ ନିଗମ

**ଦଶପଲ୍ଲା:ଏକ୍ସପ୍ରେସ୍ ନ୍ୟୁଜ୍**

୨୦୦୬ ମସିହା ଡିସେମ୍ବର ମାସ ୨୯ ତାରିଖରେ ଭାରତର ତତ୍କାଳୀନ ରାଷ୍ଟ୍ରପତି ଜଙ୍ଗଲ ଅଧିକାର ଆଇନକୁ ଅନୁମୋଦନ କରିବା ପରେ ୧୬/୩/୨୦୦୮ର ଗ୍ରାମସଭା ଏବଂ ପୁନଶ୍ଚ ସରକାରଙ୍କ ୨୦୧୨ର ସଂଶୋଧିତ ଆଇନ ଅନୁଯାୟୀ ଦଶପଲ୍ଲା ବ୍ଲକ ପୋଖରୀଗୋଚ୍ଛା ପଂଚାୟତ କଇଁଯାଡିହ ଗ୍ରାମବାସୀଙ୍କୁ ଗ୍ରାମ ସଂଲଗ୍ନ ଗୋଷ୍ଠୀ ଜଙ୍ଗଲ ଜମିର ଅଧିକାର ମିଳିଛି। କିନ୍ତୁ ଦଶପଲ୍ଲା ବନ ଉନୟନ ନିଗମ ଗ୍ରାମ ଗୋଷ୍ଠୀକୁ ନଜଣାଇ ୨୪୭ଟି ଗଛ କାଟିବା ପାଇଁ ଚିହ୍ନଟ କରିଛନ୍ତି। ହେଲେ ଗ୍ରାମବାସୀ ଦୀର୍ଘ ଦିନ ଧରି ଜଗି ରହିଥିବା ଜଙ୍ଗଲରୁ ଏକକାଳୀନ ଏତେଗୁଡ଼ାଏ ଗଛ କାଟିବାକୁ ମନା କରିବାରୁ ନିଗମ କର୍ମଚାରୀମାନେ ଲୋକଙ୍କୁ ଭୟଭୀତ କରାଇ ଗଛଗୁଡିକ କାଟିନେବା ପାଇଁ ବସିଛନ୍ତି। ଯାହାକି ଜଙ୍ଗଲ ଅଧିକାର ଆଇନର ଧାରା ୫ ଅନୁଯାୟୀ ଏହା ସମ୍ପୂର୍ଣ୍ଣ ଅନୁଚିତ। ଏବେ ଗ୍ରାମବାସୀମାନେ ଗଛ କଟାକୁ ବିରୋଧ କରି ଅଧକ୍ଷ ଜିଲ୍ଲା ସ୍ତରୀୟ କମିଟି, ଅଧକ୍ଷ ଉପଖଣ୍ଡ ସ୍ତରୀୟ କମିଟି, ଉପଖଣ୍ଡ ମ୍ୟାନେଜର ବନ ଉନ୍ନୟନ ନିଗମ, ଜିଲ୍ଲାପାଳ ପ୍ରଭୃତିଙ୍କୁ ଅଭିଯୋଗ କରିଛନ୍ତି ଯେ ଦୀର୍ଘ ଦିନ ଧରି ଆମେ ଜଗା ରଖା କରି ବଢ଼ାଇଥିବା ଏତେ ସଂଖ୍ୟକ ଗଛ କାଟିବାକୁ ବାରଣ କରାଯାଉ ଏବଂ ସବୁଠାରୁ ବଡ କଥା ଗୋଷ୍ଠୀ ଜଙ୍ଗଲ ଅଧିକାର ପାଇଥିବା ଗ୍ରାମର ବିନା ସହମତିରେ, ଅନିଚ୍ଛା ସତ୍ତ୍ୱେ ନିଗମ ଗଛ କାଟିବା ବେଆଇନ ବିବେଚନା କରାଯାଉ।

# ଜବତ ଧାନ ଗାଡ଼ି ଛାଡି ଦେଲେ ତହସିଲଦାର

**କୁଚିଣ୍ଡା:ଏକ୍ସପ୍ରେସ୍ ନ୍ୟୁଜ୍**



ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡରେ ମଣ୍ଡି ଖୋଲିବା ପୂର୍ବରୁ ଦଲାଲ ସକ୍ରିୟ ହୋଇଥିବା ଦେଖାଯାଉଛି। ଗତକାଲି କୁଚିଣ୍ଡାରେ ଗୋଟିଏ ୧୬ ଚକିଆ ଧାନ ବୋଝେଇ ଟ୍ରକ୍‌କୁ ତହସିଲଦାର ଓ ଯୋଗାଣ ବିଭାଗ ଛାଡ଼ି ଦେଇଛନ୍ତି। ମଣ୍ଡି ଖୋଲିବା ପୂର୍ବରୁ ଗୋଟିଏ ଟ୍ରକ୍‌ରେ ବେପାରୀମାନେ ଧାନ ମିଲକୁ ନେଉଥିବା ବେଳେ ଲୋକେ ଧରିଲେ। ତହସିଲଦାର ଓ ଯୋଗାଣ ବିଭାଗ ଧାନ ଜବତ କରି ଥାନାରେ ଜିମା ମଧ୍ଯ ଦେଲେ ହେଲେ କାହା ଅନୁମତିରେ ପୁଲିସ ଛାଡିଦେଲା। ଯୋଗାଣ ବିଭାଗ କାହିଁକି ବେଆଇନ ଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। କୁଚିଣ୍ଡା ଏସିଏସଓ ରାଜ କିଶୋର ସ୍ୱାଇଁ ଘଟଣାକୁ ହାଲୁକା ଭାବେ ନେଇ ଚାଷୀଙ୍କ ଧାନ ଥିଲା। ରଖିବା ପାଇଁ ଅନ୍ୟ ସ୍ଥାନକୁ ନେଇଥିଲେ ବୋଲି କହି ଏଡାଇ ଦେଇଛନ୍ତି। ହେଲେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ କହିଛନ୍ତି ଯେ, ଧାନ ଚାଲାଣ ନେଇ ସ୍ଥାନୀୟ ଏସିଏସ୍‌ଓ ତଦନ୍ତ କରୁଛନ୍ତି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ସରକାର ଧାନ ସଂଗ୍ରହରେ ସ୍ୱଚ୍ଛତା ଆଣିବା ପାଇଁ କଡ଼ା ନିୟମ କରିଛନ୍ତି। ଚାଷୀ ଅଭାବୀ ବିକ୍ରି ଶିକାର ନହେବ ସେନେଇ କମିଟି ଗଠନ କରିଛନ୍ତି। ହେଲେ ଯଦି କମିଟି ବେପାରି ସାଙ୍ଗରେ ବେପାର କରିବେ ତାହା ହେଲେ ଚାଷୀ ଅବସ୍ଥା କଣ ହେବ ବୋଲି ପ୍ରଶ୍ନ ଉଠିଛି।

ସୂଚନା ଯୋଗ୍ୟ ଯେ, କୁଚିଣ୍ଡା ଉପଖଣ୍ଡରେ ଆସନ୍ତା ନଭେମ୍ବର ୨୮ ତାରିଖରୁ ଧାନ ସଂଗ୍ରହ ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ଚଳିତ ବର୍ଷ ଧାନ ଭଲ ହୋଇଥିବାରୁ ଅଧିକ ଅମଳ ଆଶା ଚାଷୀ ଖୁସି ଅଛନ୍ତି। ଠିକ ଭାବେ ଧାନ ବିଲରୁ ଅମଳ ହୋଇ ନାହିଁ କିମ୍ବା ଅମଳ ହୋଇଥିଲେ ବି ଉପାର୍ଜିତ ଧାନକୁ ବିକ୍ରି କରିବା ପାଇଁ ପ୍ରଶାସନିକ ସ୍ତରରେ ମଣ୍ଡି ଖୋଲା ଯାଇ ନାହିଁ। ଏପରି ସ୍ଥିତିରେ ଦଲାଲମାନେ ଗଳା ବାଟ ଖୋଜି ବିଭିନ୍ନ ସ୍ଥାନରୁ ଚାଷୀଙ୍କ ଠାରୁ କମ୍ ଦରରେ ଧାନକିଣି ତାଙ୍କ ଗୋଦାମରେ ଭର୍ତ୍ତି କରିବାରେ ବ୍ୟସ୍ତ। ସୋମବାର ସନ୍ଧ୍ୟାରେ ୧୬ ଚକିଆ ଟ୍ରକ୍ ନମ୍ବର ଓଆର୧୪–ଆର୦୭୭୫ରେ କୁଚିଣ୍ଡା ବ୍ଲକ ବକ୍କ୍ମା ପଞ୍ଚାୟତ ଟାଇଁସର ଗ୍ରାମର ୨ ଜଣ ଚାଷୀଙ୍କ ଧାନ ବୋଝେଇ ହୋଇ କୁଚିଣ୍ଡା ଆସୁଥିବା ବେଳେ ତହସିଲଦାର ଖବର ପାଇ କୁଚିଣ୍ଡା ପୁଲିସ ସହାୟତାରେ ଟାଇଁସର ଗ୍ରାମ ନିକଟରୁ ଗାଡିକୁ ଅଟକ ରଖି ନାନା ପ୍ରଶ୍ନ ପଚାରିଥିଲେ। ସନ୍ତୋଷଜନକ ଉତ୍ତର ନ ମିଳିବାରୁ କୁଚିଣ୍ଡା ପୁଲିସ ସହାୟତାରେ ଥାନାକୁ ଧାନ ବୋଝେଇ ଟ୍ରକ୍ ଆଣି ଜମା ଦେଇଥିଲେ।

## 'ଲୀଳାବତୀସ ଡଟର୍ସ'ର ଓଡ଼ିଆ ଇ–ଭର୍ସନ ଉନ୍ମୋଚିତ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ୱର୍ଗତ ପ୍ରଫେସର ରୋହିଣୀ ଗଡ଼ବୋଲେ ଓ ପ୍ରଫେସର ରାମ ରାମସ୍ୱାମୀଙ୍କ ଦ୍ୱାରା ଅନୁଦିତ ପୁସ୍ତକ 'ଲିଳାବତୀସ ଡଟର୍ସ: ଦ ୱିମେନ୍ ସାଇଂଟିଷ୍ଟସ ଅଫ୍ ଇଣ୍ଡିଆ'ର ଓଡ଼ିଆ ଓ କନ୍ନଡ଼ ଭାଷାରେ ଇ–ଭର୍ସନ୍ ନିକଟରେ ତିରୁପତି ଠାରେ ଅନୁଷ୍ଠିତ ଇଣ୍ଡିଆନ ଏକାଡେମୀ ଅଫ୍ ସାଇନ୍ସ, ବେଙ୍ଗାଲୁରୁର ୯୧ତମ ବାର୍ଷିକ ଅଧିବେଶନରେ ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକ ପ୍ରଥମେ ଇଂରାଜୀ ଭାଷାରେ ଇଣ୍ଡିଆନ୍ ଏକାଡେମୀ ଅଫ୍ ସାଇନ୍ସ ଦ୍ୱାରା ୨୦୦୮ ମସିହାରେ ପ୍ରକାଶିତ ହୋଇଥିଲା। ପରବର୍ତ୍ତୀ କାଳରେ ମାଲାୟଲାମ ଭାଷାରେ ଏହା ପ୍ରକାଶ ପାଇଥିଲା। ଓଡ଼ିଆ ଓ କନ୍ନଡ ଭାଷାରେ ପୁସ୍ତକର ଇ–ଭର୍ସନ୍‌କୁ ବେଙ୍ଗାଲୁରୁ ସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ପ୍ରଫେସର ରାଘବନ ଭର୍ଦରାଜନ ଉନ୍ମୋଚନ କରିଥିଲେ। ଓଡ଼ିଆ ଭାଷାରେ 'ଲୀଳାବତୀଙ୍କ ଶତେକ କନ୍ୟା' ନାମକ ଏହି ପୁସ୍ତକକୁ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ନଚିକେତା କେ. ଶର୍ମା ଓ ଡକ୍ଟର ଦୀପକ କେ. ପଟ୍ଟନାୟକ ଅନୁବାଦ କରିଛନ୍ତି। ତିରୁପତି ସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଜର) ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ପ୍ରଫେସର ଶର୍ମାଙ୍କୁ ପ୍ରଫେସର ଭର୍ଦରାଜନ ସମ୍ବର୍ଦ୍ଧିତ କରିଥିଲେ।

## ନିମ୍ନମାନର ଅଫିସ ଓ ଗୋଦାମ ଘର ନିର୍ମାଣ ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ଦାବିପତ୍ର

**ବାଙ୍କୀ:** ବାଙ୍କୀ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ସେବାସମବାୟର ସଦସ୍ୟମାନେ ବ୍ରହ୍ମପୁରା ସେବାସମିତି ପରିସରରେ ନିର୍ମାଣ କରାଯାଉଥିବା ନୂତନ ଅଫିସ୍ ଗୃହ ଓ ଗୋଦାମ ଗୃହରେ ବହୁ ଅନିୟମିତତା ହୋଇଛି। ବିଶେଷ କରି ଠିକାଦାର ମନୋମୁଖୀ କାର୍ଯ୍ୟ କରିବା ସହିତ ନିର୍ମାଣଧିନ ଗୃହରେ ପାଣି ବି ଦେଉନାହାନ୍ତି। ତେଣୁ ଏହା ବିରୁଦ୍ଧରେ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଲକ୍ଷ୍ମୀନାରାୟଣ ଦେବତା, ଧନୁଲତା ସିଂହ, ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ବହୁ ପରିଚାଳନା ପରିଷଦର ସଭ୍ୟ ଓ ସଭ୍ୟା ଜିଲ୍ଲାପାଳଙ୍କୁ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରିବା ସହିତ ଓଡ଼ିଶା ମୁଖ୍ୟମନ୍ତ୍ରୀ, ସମବାୟ ମନ୍ତ୍ରୀ, ସମବାୟ ସମିତିର ନବନ୍ଧକ ଆଦିଙ୍କୁ ଏହାର ଏକକିତା ନକଲ ପ୍ରେରଣ କରିଛନ୍ତି।

## ନିଖୋଜ ଝିଅ ଓ ଜଣେ ପୀଡିତା ଉଦ୍ଧାର

**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ଏକ ପ୍ରଶଂସନୀୟ ଅଭିଯାନରେ, ଖୋର୍ଦ୍ଧା ସଦର ପୁଲିସ ସଦର ଥାନା କେସ ନମ୍ବର– ୩୪୭/୨୦୨୫ ଅନୁସନ୍ଧାନରେ ଜଣେ ପୀଡିତାଙ୍କୁ ଏବଂ ଏମ.ଏମ.ଆର. ନମ୍ବର– ୪୯/୨୦୨୫ ଅନୁସାରେ ଜଣେ ନିଖୋଜ ଝିଅଙ୍କୁ ସଫଳତାର ସହ ଉଦ୍ଧାର କରିବାରେ ସମର୍ଥ ହୋଇଛନ୍ତି। ଏହି ମାମଲାଗୁଡିକର ତଦନ୍ତ ଓ ଯାଞ୍ଚ ଏସ.ଆଇ ଦେବଶ୍ମିତା ବେହେରା ଓ ଏ.ଏସ.ଆଇ ଚନ୍ଦ୍ରମଣି ସାହୁଙ୍କ ଦ୍ୱାରା ସଠିକ ଭାବେ କରାଯାଇଥିଲା। ସମସ୍ତ ବୈଧ ପ୍ରକ୍ରିୟା ନିଶ୍ଚିତ କରିବା ପରେ ପୀଡିତାମାନଙ୍କୁ ସୁରକ୍ଷିତ ଭାବେ ତାଙ୍କ ପରିବାରଙ୍କ ସହ ପୁନର୍ମିଳନ କରାଯାଇଥିଲା। ଘଟଣାସହିତ ଜଡିତ ବ୍ୟକ୍ତିମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ଆଶ୍ୱସ୍ତ କରିଛନ୍ତି। ଜିଲ୍ଲାରେ ନାରୀ ଓ ଶିଶୁ ସୁରକ୍ଷା ସୁନିଶ୍ଚିତ କରିବା ପ୍ରତି ଖୋର୍ଦ୍ଧା ପୁଲିସଙ୍କ ସଙ୍କଳ୍ପକୁ ଏହି ଅଭିଯାନ ପୁଣିଥରେ ପ୍ରମାଣ କରିଛି। ଏହି କାର୍ଯ୍ୟାନୁଷ୍ଠାନ ଅସହାୟ ଓ ସନ୍ନିହିତ ନାଗରିକଙ୍କ ସୁରକ୍ଷା ପ୍ରତି ଖୋର୍ଦ୍ଧା ପୁଲିସର ଦୃଢ଼ ନିଷ୍ଠା ଓ କର୍ତ୍ତବ୍ୟପରାୟଣତାକୁ ଉଜାଗର କରିଥାଏ।

## ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲରେ 'ପୁଣ୍ୟାତ୍ମା ଗୋପବନ୍ଧୁ' ପୁସ୍ତକ ବଣ୍ଟନ



**ଭୁବନେଶ୍ୱର/ବାରିପଦା:ଏକ୍ସପ୍ରେସ୍ ନ୍ୟୁଜ୍**

ବାରିପଦାସ୍ଥ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା , ସାହିତ୍ୟ ଓ ସଂସ୍କୃତି ରକ୍ଷା ପାଇଁ କାର୍ଯ୍ୟ କରୁଥିବା ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନୀ ସମ୍ପର୍କିତ ପୁସ୍ତକ 'ପୁଣ୍ୟାତ୍ମା ଗୋପବନ୍ଧୁ' ବଣ୍ଟନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ପୁସ୍ତକର ଲେଖିକା ଡକ୍ଟର ଆରତି କର, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବାସନ୍ତୀ ଟୁଡୁ ଓ ନ୍ୟାସୀ ମଣ୍ଡଳର ଅନ୍ୟତମ କର୍ମକର୍ତ୍ତା ବିରଜା ପ୍ରସାଦ ଶତପଥୀ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୋପବନ୍ଧୁଙ୍କ ଦୀନ– ଦରିଦ୍ର ତଥା ପ୍ରପୀଡିତଙ୍କ ସେବା, ପରୋପକାର, ଛାତ୍ର ବତ୍ସଳତା, ଦେଶ ସେବା ଓ ସାହିତ୍ୟ କୃତି ପ୍ରଭୃତି ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ଉତ୍କଳମଣିଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଗୋପବନ୍ଧୁଙ୍କ ବାରିପଦା ସହ ନିବିଡ ସମ୍ପର୍କ ଥିଲା ବୋଲି ବକ୍ତାମାନେ କହିଥିଲେ। ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଉପଦେଶ କ୍ରମେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ତରଫରୁ ଏକ ଶହରୁ ଉର୍ଦ୍ଧ୍ୱ ପୃଷ୍ଠା ସମ୍ବଳିତ 'ପୁଣ୍ୟାତ୍ମା ଗୋପବନ୍ଧୁ' ପୁସ୍ତକ ରାଜ୍ୟର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାଗଣାରେ ବିତରଣ କରାଯାଉଛି।

## ଭୁଜ ବିଏସଏଫ କ୍ୟାମ୍ପସରେ ହୀରକ ଜୟନ୍ତୀ

**ନୂଆଦିଲ୍ଲୀ:ଏକ୍ସପ୍ରେସ୍ ନ୍ୟୁଜ୍**



ଶୁକ୍ରବାର କେନ୍ଦ୍ର ମନ୍ତ୍ରୀ ଅମିତ ଶାହଙ୍କ ଉପସ୍ଥିତିରେ ଭୁଜ (ଗୁଜୁରାଟ)ସ୍ଥିତ ବିଏସଏଫ କ୍ୟାମ୍ପସରେ ହୀରକ ଜୟନ୍ତୀ ପାଳନ ଉପଲକ୍ଷେ ଏକ ଆନୁଷ୍ଠାନିକ ପରେଡ୍ ଅନୁଷ୍ଠିତ ହୋଇଥିଲା। ୧୭୬ ବାଟାଲିୟନ ବିଏସଏଫର ପରେଡ୍ ଗ୍ରାଉଣ୍ଡରେ ପରେଡ୍ ସମୀକ୍ଷା କରିବା ପୂର୍ବରୁ ମନ୍ତ୍ରୀ ବିଏସଏଫ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେଡ୍‌ରେ ୧୨ ଫୁଟ କଣ୍ଟିଜେଣ୍ଟ (ବିଏସଏଫ ଫ୍ରଣ୍ଟିୟର୍ସରୁ ୧୧ ଏବଂ ଗୋଟିଏ ମହିଳା କଣ୍ଟିଜେଣ୍ଟ) ସାମିଲ ଥିଲା, ଯାହା ସୀମା ପ୍ରହରିଙ୍କ ବୀରତ୍ୱ, ଶୃଙ୍ଖଳା ଏବଂ ଐତିହ୍ୟକୁ ପ୍ରଦର୍ଶନ କରିଥିଲା। ସେମାନଙ୍କ ପରେ ଓଟ କଣ୍ଟିଜେଣ୍ଟ ଏହାର ଆରୋହଣିତ ବ୍ୟାଣ୍ଡ, ଡଗ୍ ସ୍କ୍ୱାଡ, ଘୋଡା କଣ୍ଟିଜେଣ୍ଟ ଏବଂ ଯୋଗାଯୋଗ କଣ୍ଟିଜେଣ୍ଟ ସହିତ ଆସିଥିଲା। ଗୁଜରାଟ ଫ୍ରଣ୍ଟିୟର, ୱାଟର ୱିଙ୍ଗ, ଏୟାର ୱିଙ୍ଗ, ଜମ୍ମୁ ଫ୍ରଣ୍ଟିୟର, ବିଏସଏଫ ଏକାଡେମୀ ଗ୍ୱାଲିୟର ଏବଂ ବିଏସଏଫ ଇନଷ୍ଟିଚ୍ୟୁଟ୍ ଅଫ୍ କମ୍ୟୁନିକେସନ୍ ଆଣ୍ଡ ଇନଫର୍ମେସନ୍ ଟେକ୍ନୋଲୋଜି (ବିଆଇସିଆଇଟି)ର ସାରଣୀଗୁଡ଼ିକ ବିଏସଏଫର କାର୍ଯ୍ୟକ୍ଷମ ଦକ୍ଷତା ଏବଂ ବୈଷୟିକ କ୍ଷମତାକୁ ପ୍ରଦର୍ଶିତ କରିଥିଲା।

ବିଏସଏଫ ଇତିହାସରେ ପ୍ରଥମଥର ପାଇଁ, ଚାରି ଜଣ ବିଏସଏଫ କର୍ମଚାରୀ ପରେଡ୍ କ୍ଷେତ୍ରରେ ଏକ ଉତ୍କୃଷ୍ଟ ଅବତରଣ ସହିତ ଏକ ମନୋରମ ସ୍କାଏଡାଇଭିଂ ପ୍ରଦର୍ଶନ କରିଥିଲେ। ନୂତନ ଭାବରେ ପ୍ରତିଷ୍ଠିତ ଡ୍ରୋନ୍ ଯୁଦ୍ଧ ସ୍କୁଲ ମଧ୍ୟ ଏକ ଅନନ୍ୟ ଡ୍ରୋନ୍ ପ୍ରଦର୍ଶନୀ ପ୍ରଦାନ କରିଥିଲା, ଯାହା ବିଏସଏଫର ବର୍ଦ୍ଧିତ ପ୍ରଯୁକ୍ତିବିଦ୍ୟାକୁ ପ୍ରତିଫଳିତ କରିଥାଏ।

ପ୍ରହରୀ ପରିବାର ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରି, ବିଏସଏଫ ଡିଜି ଦଳଜିତ ସିଂହ ଚୌଧାରୀ ତାଙ୍କ ଉପସ୍ଥିତି ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ ଏବଂ ଜାତୀୟ ସୁରକ୍ଷା ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ବାହିନୀର ଅଟଳ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିଥିଲେ। ମନ୍ତ୍ରୀ ଅମିତ ଶାହ କର୍ତ୍ତବ୍ୟ ପାଳନରେ ସର୍ବୋଚ୍ଚ ବଳିଦାନ ଦେଇଥିବା ବିଏସଏଫ ସାହସୀମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ପରେଡର ନିଷ୍କପଟ ଆଚରଣକୁ ପ୍ରଶଂସା କରିଥିଲେ। ସେ 'ଅପରେସନ୍ ସିନ୍ଦୂର'ରେ ସେନାର ଚମତ୍କାର ଭୂମିକା ଉପରେ ମଧ୍ୟ ଆଲୋକପାତ କରିଥିଲେ। ମନ୍ତ୍ରୀ ବିଏସଏଫର ସୁବର୍ଣ୍ଣ ଜୟନ୍ତୀ ପାଳନର ସ୍ମରଣ କରି ଏକ ଡାକ ଷ୍ଟାମ୍ପ ଜାରି କରିଥିଲେ। ଅମିତ ଶାହ ଭାରତର ପଶ୍ଚିମ ଏବଂ ପୂର୍ବ ସୀମାରେ ବିଏସଏଫର ସୀମା ପରିଚାଳନା ପ୍ରୟାସକୁ ପ୍ରଶଂସା କରିଥିଲେ।

ମୁଖ୍ୟଅତିଥି କଙ୍ଗୋର ଗଣତାନ୍ତ୍ରିକ ଗଣରାଜ୍ୟରେ ଜାତିସଂଘ ମିଶନରେ ପ୍ରାଣବଳି ଦେଇଥିବା ସୀମା ପ୍ରହରିଙ୍କ ନିକଟତମ ଆତ୍ମୀୟଙ୍କୁ ସାହସିକତା ପଦକ ପ୍ରଦାନ କରିଥିଲେ ଏବଂ ସେବାରତ ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପୋଲିସ ପଦକ ପ୍ରଦାନ କରିଥିଲେ। ପ୍ରତିଷ୍ଠିତ ଜେନେରାଲ ଚୌଧୁରୀ ଟ୍ରଫି ୨୭ ବିଟାଲିଆନ ବିଏସଏଫକୁ ପ୍ରଦାନ କରାଯାଇଥିଲା, ଯେତେବେଳେ ବାମପନ୍ଥୀ ଉଗ୍ରବାଦୀ ଅପରେସନ ପାଇଁ ଡିଜିଙ୍କ ବ୍ୟାନର ୯୪ ବିଟାଲିଆନ ବିଏସଏଫକୁ ଦିଆଯାଇଥିଲା। ଶ୍ରେଷ୍ଠ କ୍ଷେତ୍ର 'ଜି' ଦଳ ପାଇଁ ଡିଜିଙ୍କ ଟ୍ରଫି ଛତିଶଗଡ଼ର ଏଫଜିଟି ଭାନୁ ପ୍ରତାପପୁର ଦ୍ୱାରା ଜିତିଥିଲା। ଜମ୍ମୁ ଫ୍ରଣ୍ଟିୟର୍ ଶ୍ରେଷ୍ଠ ସୀମା ପରିଚାଳନା ପାଇଁ ମହାରାଣା ପ୍ରତାପ ଟ୍ରଫି ଏବଂ କ୍ରୀଡ଼ା ଏବଂ ତାଲିମରେ ଉତ୍କର୍ଷତା ପାଇଁ ଅଶ୍ୱିନୀ ଟ୍ରଫି ଉଭୟ ପାଇଥିଲା।

## ବ୍ରହ୍ମାକୁମାରୀସ୍ ଶାନ୍ତିକୁଣ୍ଡ ତରଫରୁ ଆଧାତ୍ମିକ ପ୍ରବଚନ

**ବ୍ରହ୍ମପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତିକୁଣ୍ଡ, ଗିରିରୋଡ, ସେବାକେନ୍ଦ୍ର ତରଫରୁ ଖ୍ୟାତନାମା ଆଧ୍ୟାତ୍ମିକ ମାର୍ଗଦର୍ଶିକା, ଜୀବନ ପରିଚାଳନା ବିଶେଷଜ୍ଞା, ଅନ୍ତଃରାଷ୍ଟ୍ରୀୟ ପ୍ରେରଣାଦାୟକ ଅଭିଭାଷିକା ତଥା ବରିଷ୍ଠ ରାଜଯୋଗ ଶିକ୍ଷିକା, ରାଜଯୋଗିନୀ ବ୍ରହ୍ମାକୁମାରୀ ଶିବାନୀ ଦିଦିଙ୍କ ପ୍ରଥମଥର ବ୍ରହ୍ମପୁର ପଦାର୍ପଣ ଉପଲକ୍ଷେ ଏକ ଆଧାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ 'ଆଧୁନିକ ଜଗତରେ ଭାବନାତ୍ମକ ବ୍ୟକ୍ତିତ୍ୱ' ସ୍ଥାନୀୟ ସ୍ୱୟଂଶାସିତ ଖଲ୍ଲିକୋଟ କଲେଜ ଷ୍ଟାଡିୟମ ଠାରେ ଆୟୋଜିତ ହୋଇଯାଇଛି। ରାଜ୍ୟ ପରିବହନ, ବାଣିଜ୍ୟ, ଇସ୍ପାତ ଏବଂ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ତଥା ସହରର ଅନ୍ୟ ପ୍ରତିଷ୍ଠିତ ବ୍ୟକ୍ତିଗଣଙ୍କ ସହ ଶିବାନୀ ଉକ୍ତ ପ୍ରବଚନ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ଜ୍ୱଳନ ଦ୍ୱାରା ଉଦଘାଟନ କରିବା ସହ ନିଜ ପ୍ରେରଣାଦାୟକ ବକ୍ତବ୍ୟରେ କହିଥିଲେ ଯେ, ଭାବନାତ୍ମକ ବ୍ୟକ୍ତିତ୍ୱ ସମ୍ପନ୍ନ ମାନସିକତା ଏକ ପ୍ରକାର ବ୍ୟବହାର ଯାହା କୌଣସି ବ୍ୟକ୍ତି ବିଶେଷର ସକାରାତ୍ମକ, ଭାବନାତ୍ମକ ଦୃଷ୍ଟିକୋଣକୁ ପରିପ୍ରକାଶ କରିଥାଏ ଯାହାକି ଆତ୍ମ ଜାଗୃତି ଦ୍ୱାରା ସମ୍ଭବ ହୋଇପାରେ। ଏହା ନିଜର ସ୍ୱ ଅନୁଭବ, ଭାବ ପ୍ରବଣତା ତଥା ମନୋବଳକୁ ମଧ୍ୟ ଦର୍ଶାଇଥାଏ । ଯାହା ଅନ୍ୟଙ୍କ ଜୀବନରେ ଆଶା ଆକାଂକ୍ଷା ପୂର୍ଣ୍ଣ କରିବା ସକାଶେ କ୍ଷମତା ପ୍ରଦାନ କରେ।

ଏଥିରେ ଭଗିନୀ ଶିବାନୀ ଯୋଗଦେଇ ବିଭିନ୍ନ ଦୃଷ୍ଟାନ୍ତ ଏବଂ ଉଦାହରଣ ମାଧ୍ୟମରେ ପ୍ରତ୍ୟେକଙ୍କୁ ସତ୍ୟଯୁଗ ସ୍ଥାପନାରେ ସହାୟକା ହେବା ସକାଶେ ପ୍ରେରଣା ପ୍ରଦାନ କରିଥିଲେ। ବର୍ତ୍ତମାନର ଆଧୁନିକ ସମାଜରେ ଦିନକୁ ଦିନ କଳୁଷିତ, ନକାରାତ୍ମକ ବିକାରଯୁକ୍ତ କାର୍ଯ୍ୟକଳାପ ବୃଦ୍ଧି ପ୍ରାପ୍ତ କରୁଛି। ଏହାଦ୍ୱାରା ଘରେ–ଘରେ ଅଶାନ୍ତି, କଳହ, ବିଶୃଙ୍ଖଳା ଆଦି ବୃଦ୍ଧି ପାଉଛି। ଏଣୁ ଆମେ ସମସ୍ତେ ସ୍ୱ–ସଶକ୍ତିକରଣ ସହ ଦୃଢ଼ ମନୋଭାବ ସମ୍ପନ୍ନ ହୋଇ ସତ୍ କର୍ମରେ ରହି ଅନ୍ୟମାନଙ୍କୁ ଅନୁରୂପ ପ୍ରଭାବିତ କରିବା ଦ୍ୱାରା ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏଥି ପୂର୍ବରୁ ବଲିଉଡ ପ୍ଲେ ବ୍ୟାକ ସିଙ୍ଗର ହରିଶ ମୋୟାଲ ଏବଂ ଓଡ଼ିଆ କଣ୍ଠ ଶିଳ୍ପୀ ଭଗିନୀ ବର୍ଣ୍ଣାଳୀ ହୋତାଙ୍କ ଦିବ୍ୟ ସଙ୍ଗୀତମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗୋଲାବନ୍ଧ ଆର୍ମି ଏଡି କଲେଜ. ଏଲ ଟି ଜେନେରାଲ ଆର୍.ସି. ଶ୍ରୀକାନ୍ତ, ରାଜଯୋଗୀ ବ୍ରହ୍ମାକୁମାର ଡା. ବନାରଶୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ଗୀତାଞ୍ଜଳୀ ଦାଶ, ପ୍ରଫେସର ପ୍ରିୟଦର୍ଶନ ପାତ୍ର, କୁଳପତି ନିଷ୍ଠ, ଅଜୟ ଗୁପ୍ତା ଗ୍ରାସୀମ ୟୁନିଟ ହେଡ୍, ଜୟନ୍ତ ତ୍ରିପାଠୀ, ଟାଟା ଷ୍ଟିଲ ଫାଉଣ୍ଡେସନ, ଦୀପକ ରାଓ, (ବି ଏସ ଇ ଟି), ରାଜଯୋଗୀ ବ୍ରହ୍ମାକୁମାର ଶକ୍ତିରାଜ, ମାଉଣ୍ଟ ଆବୁ, ପ୍ରଫେସର ଡା. ସୁଚିତ୍ରା ଦାଶ, ଡିନ ଏମ କେ ସି ଜି ମେଡିକାଲ କଲେଜ, ଟାଟାଷ୍ଟିଲର ମହେନ୍ଦ୍ର ମହନ୍ତ ଓ ଆର୍.କେ. ମହାନ୍ତି, ପୂର୍ବତନ ବିଧାୟକ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ବରିଷ୍ଠ ଭେଷଜ ତଥା ମଧୁମେହ ବିଶେଷଜ୍ଞ ଡା. ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ସମେତ ପ୍ରତିଷ୍ଠିତ ବ୍ୟକ୍ତିଗଣ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବ୍ରହ୍ମାକୁମାରୀ ସଂଘମିତ୍ରା ସଞ୍ଚାଳନ କରିଥିଲେ। ବ୍ରହ୍ମାକୁମାରୀ ପ୍ରଭାତୀ, ଲକ୍ଷ୍ମୀ, ସୁଜାତା, ପ୍ରଶଂସା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମଧୁବନରୁ ଆସିଥିବା ବ୍ରହ୍ମାକୁମାର ଦୀପକ, ବ୍ରହ୍ମାକୁମାରୀସ୍ ଶାନ୍ତିକୁଣ୍ଡ ତରଫରୁ ବ୍ରହ୍ମାକୁମାର କୃଷ୍ଣ, ଅକ୍ଷୟ, ପ୍ରମୋଦ, ସୁରେଶ ଆଦି ଈଶ୍ୱରୀୟ ସେବାଧାରୀ ରୂପେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୫୦୦୦ରୁ ଅଧିକ ଜନସାଧାରଣ ଅଶେଷ ଲାଭାନ୍ୱିତ ହୋଇଥିଲେ।

## ଉତ୍କଳ ଆଲୁମିନା ଓ ଏମଏସଏମଇ ସହଭାଗିତାରେ ବିକ୍ରେତା ବିକାଶ କର୍ମଶାଳା



**ରାୟଗଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ଓ ଓଡ଼ିଶା ସରକାରଙ୍କ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ବିଭାଗ ସଭାଗିତରେ ସ୍ଥାନୀୟ ନୂଆପଡ଼ା ଟାଉନସିପ କ୍ଲବ ହାଉସ ଠାରେ ଆରଏଏମପି କାର୍ଯ୍ୟକ୍ରମ ଅଧୀନରେ ଏକ ବିକ୍ରେତା ବିକାଶ କର୍ମଶାଳା ଆୟୋଜିତ ହୋଇଯାଇଛି। ସ୍ଥାନୀୟ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ଉତ୍କଳ ଆଲୁମିନା ସହିତ ଯୋଡ଼ି ସେମାନଙ୍କୁ ସାମଗ୍ରୀ ଯୋଗାଣ ସୁଯୋଗ, ଗୁଣବତ୍ତା ମାନଦଣ୍ଡ ଓ ବିକ୍ରେତା ପଞ୍ଜୀକରଣ ପ୍ରକ୍ରିୟା ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକ ଯୋଗ ଦେଇ ନିଜର ପ୍ରେରଣାଦାୟକ ଅଭିଭାଷଣରେ ଶିଳ୍ପ ବିକାଶରେ କ୍ଷୁଦ୍ର ଉଦ୍ୟୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରି ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ଉତ୍କଳ ଆଲୁମିନା ଦ୍ୱାରା ପ୍ରଦତ୍ତ ବୃହତ୍ ବ୍ୟବସାୟ ସୁଯୋଗ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ୟୁନିଟ୍ ମୁଖ୍ୟ ତଥା ଅଧକ୍ଷ ରବି ନାରାୟଣ ମିଶ୍ର, ସ୍ଥାନୀୟ ବିକ୍ରେତା ବିକାଶ ଓ ଆଞ୍ଚଳିକ ଅର୍ଥନୈତିକ ସଶକ୍ତିକରଣ ପାଇଁ ଉତ୍କଳ ଆଲୁମିନାର ପ୍ରତ୍ୟେକ୍ଷ ଭୂମିକା ସମ୍ପର୍କରେ ଉଦବୋଧନ ଦେଇଥିଲେ। ସେ କହିଥିଲେ ଯେ, ବୃହତ୍ ଶିଳ୍ପକୁ କ୍ଷୁଦ୍ର ଉତ୍ପାଦ ଶିଳ୍ପଗୁଡ଼ିକ କଞ୍ଚାମାଲ୍ ଯୋଗାଇ ଆର୍ଥିକ ଭାବେ ଲାଭବାନ ହେବା ସହ ସ୍ଥାନୀୟ ଅଞ୍ଚଳରେ ଅଧିକ ରୋଜଗାର ସୃଷ୍ଟି କରିପାରିବେ। ଏହାଦ୍ୱାରା କେନ୍ଦ୍ର ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ଯୋଜନା ସଫଳ ହେବା ସହିତ ସାମାଜିକ ତଥା ଅର୍ଥନୈତିକ ଉନ୍ନତୀକରଣ ଘଟିବ। ସେହିପରି କାର୍ଯ୍ୟକ୍ରମରେ କମର୍ସିଆଲ ବିଭାଗ ମୁଖ୍ୟ ସଶିପ୍ରକାଶ ଗୁପ୍ତା ଉତ୍କଳ ଆଲୁମିନାର ବାର୍ଷିକ କ୍ରୟ ଆବଶ୍ୟକତା, କଞ୍ଚାମାଲ, ସହାୟକ ସାମଗ୍ରୀ ଓ ଉପଯୋଗୀ ସାମଗ୍ରୀ କ୍ରୟର ସମ୍ପୂର୍ଣ ବିବରଣୀ ଓ ପରିମାଣ ତଥା ଗୁଣବତ୍ତା ମାନଦଣ୍ଡ ଆଇଏସ, ଆଇଏସ ଏବଂ ବି ଆଇଏସ ପ୍ରମାଣପତ୍ର, ପରୀକ୍ଷଣ ପ୍ରକ୍ରିୟା ଓ ଅନୁମୋଦିତ ବିକ୍ରେତା ହେବା ପାଇଁ ଆବଶ୍ୟକ ଦସ୍ତାବିଜ୍। ଏବଂ ଉତ୍କଳ ଆଲୁମିନା ବିକ୍ରେତା ପୋର୍ଟାଲରେ ପଞ୍ଜୀକରଣ, ଆବଶ୍ୟକ ଦସ୍ତାବିଜ୍, ପୂର୍ବ ଯୋଗ୍ୟତା ମାନଦଣ୍ଡ ଓ ମୂଲ୍ୟାୟନ ପ୍ରକ୍ରିୟା ସମ୍ପର୍କରେ ଶ୍ରୀ ଗୁପ୍ତା ପ୍ରକାଶ କରିଥିଲେ। ଅନୁରୂପ ସିଏସଆର୍ ମୁଖ୍ୟ ଲୋପାମୁଦ୍ରା ମିଶ୍ର ସାମାଜିକ ଦାୟିତ୍ୱ, ସମୁଦାୟ ବିକାଶ କାର୍ଯ୍ୟକ୍ରମ ଓ ସ୍ଥାନୀୟ ଲୋକଙ୍କ ଉପରେ ଏହାର ପ୍ରଭାବ ବିଷୟରେ ସୂଚନା ଦେଇଥିବା। ଅନ୍ୟପକ୍ଷେ ଫାଇନାନ୍ସ ବିଭାଗ ମୁଖ୍ୟ ମ୍ରିନମୟୀ ମଣ୍ଡଳ, ମାନବ ସମ୍ବଳ ବିଭାଗ ପ୍ରମୁଖ ନାରାୟଣ ମିତ୍ରା ଏମଏସଏମଇ ବିଭାଗର ଭୂମିକା ଓ ଏହାର ବିକାଶ ସମ୍ପର୍କରେ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲାର ବିଭିନ୍ନ ଉତ୍ପାଦନ ଓ ସେବା କ୍ଷେତ୍ରର ଉଦ୍ୟୋଗୀମାନେ ସକ୍ରିୟ ଭାବରେ ପ୍ରଶ୍ନୋତ୍ତର ଅଧିବେଶନରେ ଅଂଶଗ୍ରହଣ କରି କାରିଗରୀ ବିଶେଷତା, ପ୍ରମାଣପତ୍ର ପ୍ରକ୍ରିୟା, ଦେୟ ସର୍ତ୍ତ ଓ ସହଭାଗିତା ସୁଯୋଗ ବିଷୟରେ ସ୍ପଷ୍ଟୀକରଣ ମାଗିଥିଲେ। ଚିତ୍ତରଞ୍ଜନ ମଲ୍ଲିକ, ଜେନେରାଲ ମ୍ୟାନେଜର, ଜିଲ୍ଲା ଶିଳ୍ପ କେନ୍ଦ୍ର, ରାୟଗଡ଼ା, ସ୍ୱାଗତ ଅଭିଭାଷଣରେ ସ୍ଥାନୀୟ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକର ଉତ୍କଳ ଆଲୁମିନା ଯୋଗାଣ ଶୃଙ୍ଖଳାରେ ଅଂଶଗ୍ରହଣର ଅପାର ସମ୍ଭାବନା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଲୋକ ସମ୍ପର୍କ ବିଭାଗର ସାଧାରଣ ପରିଚାଳକ ପିତାମ୍ବର ବେହେରା ଉପସ୍ଥିତ ଅତିଥିଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଦ୍ୱାରା ଅଂଶଗ୍ରହଣ କାରୀମାନେ ଉତ୍କଳ ଆଲୁମିନା କ୍ରୟ ଦଳ ସହିତ ଆଲୋଚନା କରି ନିର୍ଦ୍ଦିଷ୍ଟ ସହଯୋଗ ସମ୍ଭାବନା ଅନୁସନ୍ଧାନ ପାଇଁ ସୁଯୋଗ ପାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦିଗନ୍ତ ମହାନ୍ତି, ରୁପେନ୍ ପଟ୍ଟନାୟକ, ରୋହିତ ସାଗରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିବାବେଳେ ଏହି କାର୍ଯ୍ୟକ୍ରମକୁ ଅଙ୍କିତ ଆଦିତ୍ୟ ଭଞ୍ଜ ପରିଚାଳନା କରିଥିଲେ।

# ଡିଇଓ ଅଫିସ୍ ପାଲଟିଛି ଦୁର୍ନୀତିର ଗନ୍ତାଘର: ଖୋର୍ଦ୍ଧା ଜିଲ୍ଲା ସର୍ବାଗ୍ରେ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ବେଆଇନ୍ ଭାବରେ ଚାଲିଛି ୧୩୦୦ରୁ ଉର୍ଦ୍ଧ୍ୱ ଅଣସ୍ୱୀକୃତି ପ୍ରାପ୍ତ ବେସରକାରୀ ବିଦ୍ୟାଳୟ। ଶିକ୍ଷା ବିଭାଗର ନିତୀ ନୀୟମକୁ ସଂପୁର୍ଣ୍ଣ ରୁପେ ଅଣଦେଖା କରି ଜିଲ୍ଲା ଶିକ୍ଷାଧିକାରୀଙ୍କ ପ୍ରଚ୍ଛନ୍ନ ସହାୟତାରେ ଏହିଭଳି ବିଦ୍ୟାଳୟଗୁଡ଼ିକ ଚାଲୁଛି। ରାଜ୍ୟର ରାଜଧାନୀ ଭୁବନେଶ୍ୱର ସହ ଖୋର୍ଦ୍ଧା ଜିଲ୍ଲାରେ ୨୮୫ ସ୍କୁଲ୍ ବିନା ସ୍ୱୀକୃତିରେ ଚାଲୁଛି ଯାହାକି ସମସ୍ତ ରାଜ୍ୟରେ ସର୍ବାଧିକ। ରାଜ୍ୟ ମାନବାଧିକାର ଆୟୋଗଙ୍କ ନିକଟରେ ନ୍ୟାସନାଲ ପ୍ୟାରେଣ୍ଟ୍ ଫେଡେରେସନ୍ ତରଫରୁ ଆଗତ ମାମଲାର ଶୁଣାଣିରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ଦାଖଲ କରାଯାଇଥିବା ରିପୋର୍ଟରେ ଏହି ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଏବଂ ଗଣଶିକ୍ଷା ବିଭାଗର ସଚିବଙ୍କ ନିର୍ଦ୍ଦେଶକୁ ସଂପୂର୍ଣ୍ଣ ରୁପେ ବେଖାତିର କରି ଏହି ଅନୈତିକ କାର୍ଯ୍ୟ କରାଯାଉଛି। ଫଳରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ଏବଂ ଜିଲ୍ଲା ଶିକ୍ଷା ଅଧିକାରୀମାନେ ଅନୈତିକ ଭାବରେ ଆର୍ଥିକ ଲାଭ ଉଠାଉଥିବା ସହ ଏହି ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଅନ୍ଧକାରମୟ ବୋଲି ନ୍ୟାସନାଲ ପ୍ୟାରେଣ୍ଟ୍ ଫେଡେରେସନ୍ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଶିକ୍ଷା ଅଧିକାର ଆଇନ୍–୨୦୦୯ ଅନୁଚ୍ଛେଦ ୧୮ ଅନୁଯାୟୀ ଏହି ଆଇନ୍ ଲାଗୁ ହେବା ଉପରାନ୍ତେ କୌଣସି ବ୍ୟକ୍ତି ବିଶେଷ ଏବଂ ଅନୁଷ୍ଠାନ ବେସରକାରୀ ବିଦ୍ୟାଳୟ ଖୋଲିବାକୁ ହେଲେ ସରକାରଙ୍କ ତରଫରୁ ପ୍ରଥମେ ଅନୁମତି ଏବଂ ପରବର୍ତ୍ତୀ ଅବସ୍ଥାରେ ସ୍ୱୀକୃତି ନେବାକୁ ବାଧ୍ୟ। ଯଦି ଏହାକୁ ଅବମାନନା କରି କୌଣସି ବିଦ୍ୟାଳୟ ଚାଲୁଥିବାର ସରକାରଙ୍କ ଦୃଷ୍ଟିଗୋଚର ହୁଏ ତାହେଲେ ଏକ ଲକ୍ଷ ଟଙ୍କା ଜୋରିମାନା ଏବଂ ପରବର୍ତ୍ତୀ ଅବସ୍ଥାରେ ଦୈନିକ ଦଶ ହଜାର ଟଙ୍କା ଜୋରିମାନା ଆଦାୟର ଶକ୍ତ ପ୍ରାବଧାନ ରହିଛି।

**ବେଆଇନ୍ ଭାବରେ ଆଦାୟ ହେଉଛି ଲକ୍ଷାଧିକ ଟଙ୍କା**

ବେସରକାରୀ ବିଦ୍ୟାଳୟ ଖୋଲିବା ନିମନ୍ତେ ସ୍ୱିକୃତି ପ୍ରଦାନ କରିବାକୁ ନେଇ ଶିକ୍ଷା ବିଭାଗ ତରଫରୁ ୨୦୧୭ ମସିହାରେ ବିଜ୍ଞପ୍ତି ନଂ –୨୯୫୬ ଦ୍ୱାରା ନୀୟମାବଳି ଧାର୍ଯ୍ୟ କରାଯାଇଥିଲା, ଯେଉଁଥିରେ ଉଲ୍ଲେଖ କରାଯାଇଛି, ଯଦି ଏହିଭଳି ଅନିୟମିତତା ଦୃଷ୍ଟିକୁ ଆସେ ତାହେଲେ ଜିଲ୍ଲା ଶିକ୍ଷାଧିକାରୀମାନେ ରୁଲ୍–୧୪ ଅନୁଯାୟୀ ସ୍ୱୀକୃତି ପ୍ରତ୍ୟାହାର ପାଇଁ ପଦକ୍ଷେପ ନେବେ। ୨୦୧୮ ମସିହାରୁ ପ୍ରତ୍ୟେକ ବର୍ଷ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠି କରାଯାଉଛି। କିନ୍ତୁ ଜିଲ୍ଲା ଶିକ୍ଷାଧିକାରୀମାନେ ପଦକ୍ଷେପ ନେବା ବଦଳରେ ଏହାକୁ ପ୍ରୋତ୍ସାହନ ଦେଇଆସୁଛନ୍ତି। ଫଳରେ ଅଣସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ଦିନକୁ ଦିନ ବଢ଼ିବାରେ ଲାଗିଛି ଏବଂ ଶିକ୍ଷା ବ୍ୟବସ୍ଥା ଭୁଶୁଡିବା ସହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଉଛି। ଗତକାଲି ଶୁଣାଣି ସମୟରେ ଏ ସମ୍ପର୍କୀତ ସମସ୍ତ ତଥ୍ୟ ମାନ୍ୟବର କମିଶନରଙ୍କୁ ପ୍ରଦାନ କରାଯାଇ ଏହି ବେଆଇନ୍ ବିଦ୍ୟାଳୟ ଏବଂ ଏହାକୁ ପ୍ରୋତ୍ସାହିତ କରୁଥିବା ଶିକ୍ଷା ଅଧିକାରୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ରାଜସ୍ୱ ହାନି ହୋଇଥିବା ଅର୍ଥ ସଂପୃକ୍ତ ଅଧିକାରୀମାନଙ୍କଠାରୁ ଆଦାୟ କରିବା ନିମନ୍ତେ ନିର୍ଦ୍ଦେଶ ଦେବା ନିମନ୍ତେ ଅପିଲ୍ କରାଯାଇଛି। ମାନ୍ୟବର ଅଧକ୍ଷ ଏହାର ଗୁରୁତ୍ୱ ଉପଲବ୍ଧି କରି ପରବର୍ତ୍ତୀ ଶୁଣାଣି ବୃହତ୍ତର ପୀଠରେ ହେବ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

ଆଜିର ଏହି ଶୁଣାଣି ସମୟରେ ଫେଡେରେସନ୍ ଉପଦେଷ୍ଟା ନାଗାର୍ଜୁନ ସେଠୀ, ସ୍ୱପ୍ନେନ୍ଦୁ ସାମନ୍ତରାୟ, ରମେଶ ଭାରତୀ, ନିର୍ମଳ ରାଉତ ଏବଂ ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 22nd November, 2025 Saturday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ବାରବାଟୀରେ ଭାରତ-ଦକ୍ଷଣ ଆଫ୍ରିକା ମ୍ୟାଚ

# ଷ୍ଟାଡ଼ିୟମ ବୁଲିଲେ ବିଶେଷଜ୍ଞ ଟିମ



**କଟକ,୨୧।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ବାରବାଟୀ ଷ୍ଟାଡ଼ିୟମରେ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ କ୍ରିକେଟ ମ୍ୟାଚ ପାଇଁ ବିଭିନ୍ନ ଗ୍ୟାଲେରୀର ନିରାପତ୍ତା ନିରୀକ୍ଷଣ କରିଛି ବିଶେଷଜ୍ଞ ଟିମ । ଓସିଏର ଟେକନିକାଲ କମିଟି ସହ ଭୁବନେଶ୍ୱର ଆଇଆଇଟି ର ବିଶେଷଜ୍ଞ ଓ ଆର ଆଣ୍ଡ ବି ବିଭାଗର ଯନ୍ତ୍ରୀମାନେ ବାରବାଟୀ ଷ୍ଟାଡ଼ିୟମର ୫, ୬ ଓ ୭ ନମ୍ବର ଗ୍ୟାଲେରୀ ସ୍ଥିତି ଓ ମରାମତି କାମ ନିରୀକ୍ଷଣ କରିଛନ୍ତି । କମିଟି ଆସନ୍ତା ୬ ତାରିଖ ସୁଦ୍ଧା ନିଜର ରିର୍ପୋଟ ଓସିଏ ସହ ରାଜ୍ୟ ସରକାରଙ୍କୁ ଦେବ ବୋଲି ଓସିଏ ବୈଷୟିକ କମିଟି ମୁଖ୍ୟ ସୂଚନା ଦେଇଛନ୍ତି । ତେବେ ଚଳିତଥର ୭ ନଂ ଗ୍ୟାଲେରୀର ମରାମତି କାର୍ଯ୍ୟ କାନାଡ଼ା ଓ ଥାଇଲାଣ୍ଡର ବିଶେଷଜ୍ଞମାନଙ୍କ ଦ୍ୱାରା କରାଯାଇଛି । ଗ୍ୟାଲେରୀ ସଂପୂର୍ଣ୍ଣ ନିରାପଦ ଅଛି ବୋଲି ଓସିଏ ବୈଷୟିକ କମିଟି ମୁଖ୍ୟ କହିଛନ୍ତି । ଅପର ପକ୍ଷରେ ୩ ଗ୍ୟାଲେରୀରେ ଦର୍ଶକଙ୍କ ନିରାପର୍ତ୍ତା ନିଶ୍ଚିତ କରାଇବା ପାଇଁ ସ୍ୱତନ୍ତ୍ର କରିଡ଼ର ବ୍ୟବସ୍ଥା ହୋଇଥିବା କମିଟି କହିଛି । ଉଲ୍ଲେଖଯୋଗ୍ୟ, ଡିସେମ୍ବର ୯ ତାରିଖରେ ବାରବାଟୀ ଷ୍ଟାଡ଼ିୟମରେ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ ଅନୁଷ୍ଠିତ ହେବ । ପିଚ ଓ ଆଉଟ ଫିଲ୍ଡକୁ ପ୍ରସ୍ତୁତ ରଖିବା ଲାଗି ଯୋରଦାର କାମ ଚାଲିଛି । ପାଗ ମଧ୍ୟ ଅନୁକୂଳ ରହିଛି । ଦୈନିକ ୨ ଥର ଆଉଟ ଫିଲ୍ଡ କାମରେ ଗ୍ରାଉଣ୍ଡସମ୍ୟାନ ଲାଗିଛନ୍ତି । ପ୍ରତ୍ୟେକ ଦିନ ରୋଲିଂ ସହିତ ଆବଶ୍ୟକୀୟ ପାଣି ସିଂଚନ କରାଯାଇଛି । ମ୍ୟାଚ ଲାଗି ୨ଟି ମୁଖ୍ୟ ପିଚ ପ୍ରସ୍ତୁତ ହୋଇଛି । ଏବେ ବାରବାଟୀ ଷ୍ଟାଡ଼ିୟମର ୭ଟି ଯାକ ଗ୍ୟାଲେରୀର ପୁନଃ ନିର୍ମାଣ କାର୍ଯ୍ୟ କରାଯାଉଛି । ଗୁରୁବାର ସୁଦ୍ଧା ୫ ଓ ୬ ନମ୍ବର ଗ୍ୟାଲେରୀ କାମ ଶେଷ ହୋଇଛି । ଅବଶିଷ୍ଟ ଗ୍ୟାଲେରୀ କାମ ଯୋରସୋରରେ ଚାଲିଛି । ଏହି ପୁନଃ ନିର୍ମାଣ କାର୍ଯ୍ୟରେ ଦର୍ଶକଙ୍କ ସୁବିଧା ଓ ପସନ୍ଦକୁ ଧ୍ୟାନରେ ରଖାଯାଇଛି । ପୂର୍ବରୁ ଏହି ସମସ୍ତ ଗ୍ୟାଲେରୀର ସିଟ ଗୁଡ଼ିକ ୧୯ଇଞ୍ଚ ବିଶିଷ୍ଟ ଥିଲା । କିନ୍ତୁ ଦର୍ଶକଙ୍କ ସୁବିଧା ପାଇଁ ଏବେ ସିମେଣ୍ଟ ଗ୍ୟାଲେରୀଗୁଡ଼ିକୁ ୨୨ଇଞ୍ଚିଆ କରାଯାଇଛି । ଏହାଦ୍ୱାରା ବାରବାଟୀରେ ସିଟ ସଂଖ୍ୟା କମିବାର ସମ୍ଭାବନା ଅଛି । ପୂର୍ବରୁ ବାରବାଟୀରେ ଦର୍ଶକଙ୍କ ସିଟ ସଂଖ୍ୟା ୪୫ହଜାର ଥିଲା । କିନ୍ତୁ ଗ୍ୟାଲେରୀଗୁଡ଼ିକର ନବକଳେବର ପରେ ଏହା କେତେ ହେବ ସେ ନେଇ କୌଣସି ସୂଚନା ମିଳିନାହିଁ ।

# ମଧ୍ୟାହ୍ନ ଭୋଜନର ଅଣ୍ଡା ବଜାର ଦରଠୁ ଶସ୍ତା

**ଭୁବନେଶ୍ୱର,୨୧।୧୧: ତଥ୍ୟ**

ବଜାରରେ ଗୋଟାଏ ଅଣ୍ଡାର ଦାମ୍ ୭ ଟଙ୍କାରୁ ଅଧିକ ହୋଇଥିବା ବେଳେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପାଇଁ ସରକାର କିନ୍ତୁ ଦେଉଛନ୍ତି ୫ଟଙ୍କା ୩୦ ପଇସା । ପ୍ରତି ଅଣ୍ଡା ପିଛା ଆଉ ୧ ଟଙ୍କା ୭୦ ପଇସା କେଉଁଠୁ ଆସୁଛି ସେ ସଂକ୍ରାନ୍ତରେ କେହି ସ୍ପଷ୍ଟ ଭାବେ କିଛି ଉତ୍ତର ଦେଇପାରୁ ନାହାନ୍ତି ।

ଆଗରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଥିଲା ଏବଂ ଏଥିରେ ପ୍ରାୟ ୪୪ଲକ୍ଷ ପିଲା ସାମିଲ ଥିଲେ । ଏବେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ଲାଗି ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ହୋଇଛି । ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ପିଲାମାନଙ୍କ ମଧ୍ୟାହ୍ନ ଭୋଜନ ଲାଗି ଦିନକୁ ହାରାହାରି ୭ ଟଙ୍କା ୬୪ପଇସା ଓ ଷଷ୍ଠରୁ ଦଶମ ପିଲାମାନଙ୍କ ଲାଗି ୧୦ ଟଙ୍କା ୯୪ ପଇସା ସରକାରୀ ବ୍ୟବସ୍ଥା କରିଛନ୍ତି । ଏହାଛଡ଼ା ମାଗଣାରେ ଚାଉଳ ବି ଦିଆଯାଉଛି । ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ସପ୍ତାହରେ ଦୁଇଦିନ ପିଲାମାନଙ୍କୁ ଅଣ୍ଡା ଖୁଆଇବା ପାଇଁ ବ୍ୟବସ୍ଥା ଅଛି । ବିଦ୍ୟାଳୟରେ ଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ପାଚିକା ଓ ସହାୟିକାଙ୍କ ଦ୍ୱାରା ପ୍ରସ୍ତୁତ ମଧ୍ୟାହ୍ନ ଭୋଜନରେ ଅଣ୍ଡା ନଦେଲେ ଲୋକେ ବିରୋଧ କରୁଛନ୍ତି ଏବଂ ଅଣ୍ଡା ବ୍ୟବସ୍ଥା କରିବା ବେଳକୁ ସରକାର ଦେଉଥିବା ପଇସାରେ ବଜାରରେ ଶସ୍ତା ଅଣ୍ଡା ମିଳୁନାହିଁ ।



ମଧ୍ୟାହ୍ନ ଭୋଜନ ପାଇଁ ଯେତିକି ଅର୍ଥ ଆସୁଛି ସେଥିରେ ଡାଲି, ତେଲ ଓ ଅନ୍ୟ ପନିପରିବା କିଣିବା ମୁସ୍କିଲ୍ । ଏବେ ଡାଲି କେଜି ପାଖାପାଖି ୧୫୦ ଟଙ୍କାରେ ପହଞ୍ଚିଥିବାବେଳେ ଲୁଣ କିଲୋ ୩୦ ଟଙ୍କା । ତେଲ ଲିଟର ୧୫୦ରୁ ୨୦୦ ଟଙ୍କା । ପନିପରିବା ଭିତରେ ଆଳୁ କିଲୋ ୨୦ଟଙ୍କା ଥିବାବେଳେ ୩୦ ଟଙ୍କା ଓ ଅଦା କିଲୋ ବି ୧୫୦ରୁ ଅଧିକ । କଖାରୁ, ଅମୃତଭଣ୍ଡା ଭଳି ପରିବାର ଦର କିଲୋ ପିଛା ୩୦ ଟଙ୍କା ଥିବାବେଳେ ସଜନା ଛୁଇଁ କିଲୋ ବି ୧୫୦ ଟଙ୍କାରୁ ଅଧିକ । ମୂଳ ଗୋଟାକୁ ୧୦ଟଙ୍କା ହୋଇଥିବାବେଳେ ପୋଟଳ, ବିନ୍ ଆଦି ପନିପରିବା ଦର କିଲୋ ପିଛା ୧୦୦ରୁ ୧୫୦ ଟଙ୍କା । ଏହାଛଡ଼ା ଜାଳେଣୀ ବାବଦ ବ୍ୟୟ ଅଛି । ଏ ପରିପ୍ରେକ୍ଷୀରେ ମଧ୍ୟାହ୍ନ ଭୋଜନ ପାଇଁ ସରକାର ଯେତିକି ପଇସା ବ୍ୟବସ୍ଥା କରୁଛନ୍ତି ସେଥିରେ ଭାତ ସହ ମଧ୍ୟମ କିସମର ଡାଲମା ପ୍ରସ୍ତୁତ କରିବା କାଠିକର ପାଠ । ଏ ପରିପ୍ରେକ୍ଷୀରେ ସପ୍ତାହରେ ପିଲାମାନଙ୍କୁ ଦୁଇଦିନ ଅଣ୍ଡା ଖୁଆଇବା ଶିକ୍ଷକମାନଙ୍କ ପକ୍ଷେ ଦୁରୂହ ବ୍ୟାପାର ହୋଇପଡ଼ୁଛି ।

ଓଡ଼ିଶାରେ ପାଖାପାଖି ୫୦ଲକ୍ଷ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବରାଦ ଅଛି । ଅର୍ଥାତ୍ ସପ୍ତାହରେ କୋଟିଏ ଅଣ୍ଡା ଦରକାର । ରାଜ୍ୟରେ ଉତ୍ପାଦିତ ହେଉଥିବା ଅଣ୍ଡା ପର୍ଯ୍ୟାପ୍ତ ହେଉନଥିବାରୁ ଅନ୍ୟ ରାଜ୍ୟରୁ ଅଣ୍ଡା ଆମଦାନି କରିବାକୁ ପଡୁଛି । ଅନେକ ଶିକ୍ଷକ ଶିକ୍ଷୟିତ୍ରୀ କହୁଛନ୍ତି ଯେ ପ୍ରତି ସପ୍ତାହରେ କେବଳ ଅଣ୍ଡା ବାବଦରେ ସାରା ରାଜ୍ୟରେ ୭ କୋଟି ଟଙ୍କା ଦରକାର ଥିବାବେଳେ ସରକାରୀ ବ୍ୟବସ୍ଥାରେ ପ୍ରାୟ ୫ କୋଟି ୩୦ଲକ୍ଷ ଟଙ୍କା ମିଳୁଛି । ଅବଶିଷ୍ଟ କୋଟିଏ ୭୦ଲକ୍ଷ ଟଙ୍କା ପ୍ରତି ସପ୍ତାହରେ କୁଆଡୁ ଆସୁଛି ଏବଂ ୭ଟଙ୍କାରେ ଅଣ୍ଡା କିଣି ୫ଟଙ୍କା ୩୦ ପଇସାରେ ତାହା କିପରି ଭରଣା ହେଉଛି ସେ ଗଣିତ ଶିକ୍ଷକମାନେ କରିପାରୁନଥିବା ବେଳେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ତାହାର ହିସାବ ପାଉନାହାନ୍ତି ।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ରକ୍ତହୀନିତା ଓ ପୁଷ୍ଟିହୀନତା ଦୂରିକରଣ ପାଇଁ ଅଭିଯାନ ଚଳାଉଛନ୍ତି । ଅଙ୍ଗନବାଡ଼ିରେ ଏଥିଲାଗି ମଧ୍ୟ ଶିଶୁ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ ବ୍ୟବସ୍ଥା ହେଉଛି । ଏହାଛଡ଼ା କିଶୋରୀମାନଙ୍କ ପାଇଁ ବି ଅଣ୍ଡା, ବୁଟ, ଛତୁଆଠାରୁ ଆରମ୍ଭ କରି ଆଇରନ୍ ବଟିକା ପର୍ଯ୍ୟନ୍ତ ମାଗଣାରେ ବଣ୍ଟା ଯାଉଛି । ଏ ପରିପ୍ରେକ୍ଷୀରେ ବଜାର ଦରକୁ ଆଖି ଆଗରେ ରଖି ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟାହ୍ନ ଭୋଜନ ପାଇଁ ଅଧିକ ଅର୍ଥ ବ୍ୟବସ୍ଥା କରିବା, ପ୍ରତି ସ୍କୁଲରେ ଅମୃତଭଣ୍ଡା, କଦଳୀ, ସଜନା ଛୁଇଁ ଭଳି ପନିପରିବା କିପରି ଉତ୍ପାଦନ କରାଯାଇପାରିବ ତାହା ଉପରେ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ଉଠୁଛି ।

# ବିଧାୟକଙ୍କୁ ହତ୍ୟା ଧମକ

**ଭୁବନେଶ୍ୱର,୨୧।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

କଂଗ୍ରେସ ବିଧାୟକଙ୍କୁ ହତ୍ୟା ଧମକ ଆସିଥିବା ଅଭିଯୋଗ ଆସିଛି । ଏନେଇ ବିଧାୟକ ନିଜେ ସାମାଜିକ ଗଣମାଧ୍ୟମ "ଏକ୍ସ"ରେ ପୋଷ୍ଟ କରିଛନ୍ତି । ଭବାନୀପାଟଣା କଂଗ୍ରେସ ବିଧାୟକ ସାଗର ଚରଣ ଦାସଙ୍କୁ ହତ୍ୟା ଧମକ ଦିଆଯାଇଥିବା ନିଜେ ବିଧାୟକ ଏକ୍ସରେ ପୋଷ୍ଟ କରି ଜଣାଇବା ସହ ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନ କରିଛନ୍ତି । ଭବାନୀପାଟଣା କଂଗ୍ରେସ ବିଧାୟକ ସାଗର ନିଜ ଏକ୍ସ ପୋଷ୍ଟରେ ଲେଖିଛନ୍ତି, ଶୁକ୍ରବାର ସକାଳେ କିଛି ଦୁର୍ବୃତ୍ତ ତାଙ୍କ ଭବାନୀପାଟଣା ଜୋନ୍ ସଭାପତିଙ୍କୁ ଆକ୍ରମଣ କରିଥିଲେ ଏବଂ ତାଙ୍କର ସ୍ଥାନ ଏବଂ ବ୍ୟକ୍ତିଗତ ବିବରଣୀ ପ୍ରକାଶ ନକରିବାରୁ ତାଙ୍କୁ ହତ୍ୟା ଧମକ ଦେଇଥିଲେ । ଦୁର୍ବୃତମାନେ ହତ୍ୟା ଧମକ ମଧ୍ୟ ପଠାଇଥିବା କଥା ସେ ଉଲ୍ଲେଖ କରିଛନ୍ତି । ଆଇନ ଶୃଙ୍ଖଳା ପରିସ୍ଥିତିରେ ଓଡ଼ିଶାରେ ନିର୍ବାଚିତ ବିଧାୟକ ଅସୁରକ୍ଷିତ ବୋଲି ସେ କହିବା ସହ ଜନସାଧାରଣଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ସେ ପ୍ରଶ୍ନ କରିଛନ୍ତି ।

# କୁକୁରଙ୍କ ଉତ୍ପାତରେ ସହରବାସୀ ଆତଙ୍କିତ: ବେଫିକର ସିଏମ୍‌ସି

**କଟକ,୨୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ସଂପ୍ରତି କଟକ ସହରରେ ବୁଲା କୁକୁରଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଦିନ ହେଉ ବା ରାତି ସବୁ ସମୟରେ ବୁଲା କୁକୁରଙ୍କ ଭୟ ସହରବାସୀଙ୍କୁ ଘାରୁଛି । ପ୍ରତିଦିନ କେହି ନା କେହି କୁକୁର କାମୁଡ଼ାରେ ଆହତ ହେଉଥିବାବେଳେ ଦୁର୍ଘଟଣା ଘଟି ମେଡ଼ିକାଲକୁ ଯାଉଥିବା ମଧ୍ୟ ନଜିର ରହିଛି । ସଂପ୍ରତି ସହରରେ ବୁଲାକୁକୁରଙ୍କ ଉତ୍ପାତ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ବୁଲା କୁକୁରଙ୍କ ଦୌରାତ୍ମ୍ୟରୁ ସହରବାସୀ କଳବଳ ହେଉଥିବାବେଳେ କଟକ ମହାନଗର ନିଗମ କିନ୍ତୁ ବେଫିକର ରହିଛି । ନିଗମ ପକ୍ଷରୁ କୁକୁର ବନ୍ଧ୍ୟାକରଣ ଯୋଜନା ଏକ ପ୍ରକାର ଅକାମୀ ହୋଇପଡ଼ିଥିବା ସାଧାରଣରେ ଅଭିଯୋଗ ହେଉଛି ।

କଟକ ମହାନଗର ନିଗମର ୫୯ଟି ୱାର୍ଡ଼ରେ କୁକୁର ସଂଖ୍ୟା ଏବେ ୧ ଲକ୍ଷରୁ ଅଧିକ ରହିଥିବା ଜଣାପଡ଼ିଛି । ନିଗମ ପକ୍ଷରୁ ୨୦୦୪ରେ ସାର୍ତ୍ତୋଳରେ କୁକୁର ବନ୍ଧ୍ୟାକରଣ ଯୋଜନା ଆରମ୍ଭ ହୋଇଥିଲା । ୧୨ଲକ୍ଷ ଟଙ୍କାରେ ଡଗ କ୍ୟାନେଲ ତିଆରି କରାଯାଇଥିଲା । ଏକକାଳୀନ ୭୫ଟି କୁକୁରଙ୍କ ରଖି ବନ୍ଧ୍ୟାକରଣ କରିବାର ବ୍ୟବସ୍ଥା କରାଯାଇଥିଲା । ୨୦୦୪ରୁ ୨୦୧୩ ମଧ୍ୟରେ ଘରୋଇ ସଂସ୍ଥା ମାଧ୍ୟମରେ କୁକୁର ଧରିବା, ଅସ୍ତ୍ରୋପଚାର, ୭ଦିନ ଧରି ଚିକିତ୍ସା ହେବା ସହିତ ଧରା ହୋଇଥିବା ସ୍ଥାନରେ ଛାଡ଼ିବା କାମ କରାଯାଉଥିଲା । ମାତ୍ର ୨୦୧୪ ରୁ ନିଗମ ନିଜେ କୁକୁର ବନ୍ଧ୍ୟାକରଣ କାମ କରିବାକୁ ସ୍ଥିର କରି ଡାକ୍ତରଙ୍କୁ ନିଯୋଜିତ କରିଥିଲା । ପରେ ଏହି ସଂଖ୍ୟା ୮୯କୁ ବୃଦ୍ଧି ପାଇଥିଲା । ହେଲେ ଆବଶ୍ୟକ ସଂଖ୍ୟାର ଡାକ୍ତର ଓ କର୍ମଚାରୀଙ୍କ ଅଭାବରୁ ଏଠାରେ ଧୀରେ ଧୀରେ କୁକୁର ବନ୍ଧ୍ୟାକରଣ କାମ କମିବାରେ ଲାଗିଲା । ଅପର ପକ୍ଷରେ ବକ୍ସିବଜାର ପଶୁ ଚିକିତ୍ସାଳୟରେ ୨୦୧୬ରୁ ୩୭ଲକ୍ଷ ଟଙ୍କା ବ୍ୟୟରେ କୁକୁର ବନ୍ଧ୍ୟାକରଣ ପାଇଁ ଅତ୍ୟାଧୁନିକ ଅପରେସନ ଥିଏଟର ନିର୍ମାଣ ହୋଇଥିଲା । ମାତ୍ର ଆରମ୍ଭରୁ ଏହା ବ୍ୟବହାର ନହୋଇ ପଡ଼ି ରହିଥିବାରୁ ଏହା ମଧ୍ୟରେ ଥିବା ଲକ୍ଷାଧିକ ଟଙ୍କାର ଯନ୍ତ୍ରପାତି ଓ ଆସବାବପତ୍ର ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି । ସିଏମସି କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବରୁ "ଆନିମଲ ବାର୍ଥ କଣ୍ଟ୍ରୋଲ" (ଏବିସି) ଯୋଜନା ପ୍ରହସନରେ ପାଲଟିଛି । ଯାହାଦ୍ୱାରା ସହରବାସୀ ବୁଲା କୁକୁରଙ୍କ ଉତ୍ପାତରେ ନାକେଦମ ହେଉଛନ୍ତି । ସେହିପରି ସୁପ୍ରିମକୋର୍ଟଙ୍କ ଆଦେଶର ଆଳ ଦେଖାଇ ସିଏମସି ପକ୍ଷରୁ ବନ୍ଧ୍ୟାକରଣ ଯୋଜନା ସଠିକ ଭାବେ କାର୍ଯ୍ୟକାରୀ କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି । ୨୦୧୩ ରେ ଶେଷଥର ପାଇଁ ସହରରେ ବୁଲା କୁକୁର ଗଣନା କରାଯାଇଥିଲା । ସେ ସମୟରେ ସହରରେ ୪୦ହଜାର କୁକୁର ଥିବାବେଳେ ଏବେ ୧୨ ବର୍ଷ ପରେ ସେମାନଙ୍କ ସଂଖ୍ୟା ୧ଲକ୍ଷ ଉପରେ ପହଞ୍ଚିଛି । କୁକୁର ବଂଶ ନିୟନ୍ତ୍ରଣ ପାଇଁ ଆବଶ୍ୟକୀୟ ସଂଖ୍ୟାରେ ଡାକ୍ତର ଓ କୁକୁରଧରା କର୍ମଚାରୀ ନିଯୋଜିତ ସହ ଗାଡ଼ି ଓ ଭିତ୍ତିଭୂମିର ବିକାଶ କରିବା ଦିଗରେ ସାଧାରଣରେ ଦାବି ହୋଇଛି ।

# ଧର୍ମେନ୍ଦ୍ରଙ୍କୁ ବିପୁଳ ସମ୍ବର୍ଦ୍ଧନା



**ଭୁବନେଶ୍ୱର,୨୧।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ବିହାରରେ ଏନଡିଏର ବିପୁଳ ବିଜୟ ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାରେ ପହଞ୍ଚିଛନ୍ତି । ଧର୍ମେନ୍ଦ୍ରଙ୍କୁ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ତାଙ୍କୁ ବିଜେପି ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ ବିହାର ବିଜୟ ମୋଦୀଙ୍କ ନେତୃତ୍ୱକୁ ବଡ ସ୍ୱୀକୃତି । ବିହାରରେ ଲଗାତାର ୨୦ବର୍ଷ ଶାସନ ପରେ ବି ପୁଣି ଥରେ ଏନଡିଏ ବିଜୟୀ ହୋଇଛି । ଏହି ବିଜୟ ମୋଦୀଙ୍କ ନେତୃତ୍ୱକୁ ବଡ ସ୍ୱୀକୃତି ଦେଇଛି । ପୁରା ଦେଶରେ କଲ୍ୟାଣକାରୀ ଶାସନ ଚାଲିଥିବାରୁ ଲୋକଙ୍କ ପାଖରେ ଏନଡିଏ ଆସ୍ଥାଭାଜନ ହୋଇପାରିଛି । ଦେଶ ବିଭାଜନ ମାନସିକତା ରଖୁଥିବା କଂଗ୍ରେସକୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି । ନୂଆପଡାରେ ମଧ୍ୟ ବିଜେପି ବିପୁଳ ଭୋଟରେ ବିଜୟୀ ହୋଇଛି । ଏହା ଅଭୂତପୂର୍ବ ବିଜୟ ବୋଲି ଧର୍ମେନ୍ଦ୍ର କହିଛନ୍ତି । ବିହାର ନିର୍ବାଚନ ପାଇଁ ପ୍ରଭାରୀ ଦାୟିତ୍ୱରେ ରହିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

# ସମ୍ବିଧାନ ଓ ଆମ୍ବେଦକରଙ୍କ ପାଇଁ ମୁଁ ଆଜି ଏଇଠି: ସିଜେଆଇ

**ନୂଆଦିଲ୍ଲୀ,୨୧।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଦିନକ ପରେ ସରିବ କାର୍ଯ୍ୟକାଳ । ନଭେମ୍ବର ୨୩ରେ ଅବସର ନେବେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି (ସିଜେଆଇ) ବି.ଆର. ଗଭାଇ । ନଭେମ୍ବର ୨୧ ତାରିଖ ଥିଲା ଜଷ୍ଟିସ୍ ଗାଭାଇଙ୍କ ସିଜେଆଇ ଭାବରେ ଶେଷ କାର୍ଯ୍ୟ ଦିବସ । ଏହା ପୂର୍ବରୁ, ଆଡଭୋକେଟ୍ସ ଅନ୍ ରେକର୍ଡ ଆସୋସିଏସନ୍ ତାଙ୍କ ପାଇଁ ଏକ ବିଦାୟକାଳୀନ କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ କରି ସିଜେଆଇ କହିଥିଲେ ଯେ ସେ ବୌଦ୍ଧ ଧର୍ମକୁ ବହୁତ ସମ୍ମାନ ଦିଅନ୍ତି । ସେ ପ୍ରକୃତରେ ଜଣେ ଧର୍ମନିରପେକ୍ଷ ବ୍ୟକ୍ତି ଯିଏ ସମସ୍ତ ଧର୍ମରେ ବିଶ୍ୱାସ କରନ୍ତି । ସେ ନିଜକୁ ଜଣେ ପ୍ରକୃତ ଧର୍ମନିରପେକ୍ଷ ବ୍ୟକ୍ତି ବୋଲି ମାନିଥିଲେ । ତାଙ୍କ ବିଦାୟକାଳୀନ କାର୍ଯ୍ୟକ୍ରମରେ, ସିଜେଆଇ ଗଭାଇ କହିଥିଲେ ଯେ ତାଙ୍କର ଧର୍ମନିରପେକ୍ଷ ଦୃଷ୍ଟିକୋଣ ତାଙ୍କ ପିତାଙ୍କଠାରୁ ଆସିଥିଲା । ଯିଏ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ନୀତି ଅନୁସରଣ କରୁଥିଲେ । ଜଣେ ଗଭୀର ଧର୍ମନିରପେକ୍ଷ ବ୍ୟକ୍ତି ଥିଲେ । ତାଙ୍କ ପିଲାଦିନକୁ ମନେ ପକାଇ ସେ କହିଥିଲେ ଯେ ଯେତେବେଳେ ସେ ତାଙ୍କ ପିତାଙ୍କ ସହିତ ରାଜନୈତିକ କାର୍ଯ୍ୟକ୍ରମରେ ଯୋଗ ଦେଉଥିଲେ ।




ଲୋକମାନେ ତାଙ୍କୁ ଦରଗାହ-ଗୁରୁଦ୍ୱାରକୁ ନେଇଯାଉଥିଲେ । ସେ ବି ସବୁବେଳେ ସେଠାକୁ ଭଲ ଯାଆନ୍ତି । ତେବେ ଏହି ଅବସରରେ ସିଜେଆଇ ଗଭାଇ ଭାବପ୍ରବଣ ହୋଇ କହିଥିଲେ ଯେ ଆଜି ସେ ଯେଉଁ ପଦବୀରେ ଅଛନ୍ତି ତାହା କେବଳ ସମ୍ବିଧାନ ଏବଂ ଡକ୍ଟର ଆମ୍ବେଦକରଙ୍କ ଯୋଗୁଁ ସମ୍ଭବ । ସେ କହିଥିଲେ ଯେ ଏକ ପୌର ବିଦ୍ୟାଳୟରେ ମହଲାରେ ବସି ଏହି ପଦବୀରେ ପହଞ୍ଚିବା ପାଇଁ ଜଣେ ପୁଅ କଳ୍ପନା କରିବା କଷ୍ଟକର । ସିଜେଆଇ ଗଭାଇ କହିଛନ୍ତି ଯେ ସେ ସର୍ବଦା ଭାରତୀୟ ସମ୍ବିଧାନର ଚାରୋଟି ମୌଳିକ ସ୍ତମ୍ଭ - ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱକୁ ତାଙ୍କ କାର୍ଯ୍ୟ ଏବଂ ଆଚରଣରେ ସମାହିତ କରିବାକୁ ଚେଷ୍ଟା କରିଛନ୍ତି ।

ସିଜେଆଇ ସୁପ୍ରିମକୋର୍ଟର କାର୍ଯ୍ୟକାରିତା ବିଷୟରେ ଖୋଲାଖୋଲି ଭାବରେ କହିଥିଲେ । କହିଥିଲେ ଯେ ସୁପ୍ରିମକୋର୍ଟ କେବଳ ଏକକ ମୁଖ୍ୟ ବିଚାରପତି-କେନ୍ଦ୍ରିକ ପ୍ରତିଷ୍ଠାନ ହେବା ଉଚିତ୍ ନୁହେଁ । ବିଚାରପତି, ବାର, ରେଜିଷ୍ଟ୍ରି ଓ କର୍ମଚାରୀମାନେ ସମସ୍ତେ ଏକାଠି କାମ କଲେ ସୁପ୍ରିମକୋର୍ଟ ସୁଗମ ଭାବରେ କାର୍ଯ୍ୟ କରିପାରିବ । ସିଜେଆଇ ଗଭାଇ କହିଥିଲେ ଯେ ସୁପ୍ରିମକୋର୍ଟ ବାର ଆସୋସିଏସନ୍ ଏବଂ ଆଡଭୋକେଟ୍ସ ଅନ୍ ରେକର୍ଡ ଆସୋସିଏସନ୍ ସର୍ବଦା ବାର ସହିତ ଜଡିତ ମାମଲାରେ ଜଡିତ ହେବା ଉଚିତ । ଏହି କାର୍ଯ୍ୟକ୍ରମରେ, ସିଜେଆଇ ନାମିତ ବିଚାରପତି ସୂର୍ଯ୍ୟକାନ୍ତ ସିଜେଆଇ ଗଭାଇଙ୍କ ମାନବିକ ଆଭିମୁଖ୍ୟ ଓ ନ୍ୟାୟ ପ୍ରତି ପ୍ରତିବଦ୍ଧତାର ପ୍ରଶଂସା କରିଥିଲେ ।

ସେ ଏହା ମଧ୍ୟ କହିଥିଲେ ଯେ ସେ ସିଜେଆଇ ଗଭାଇଙ୍କୁ ଦୁଇ ଦଶନ୍ଧି ଧରି ଜାଣନ୍ତି । ତାଙ୍କ ବ୍ୟକ୍ତିତ୍ୱ ନ୍ୟାୟ ପ୍ରତି ନମ୍ରତା ଏବଂ ସମର୍ପଣର ଉଦାହରଣ । ଆଡଭୋକେଟ୍ସ ଅନ୍ ରେକର୍ଡ ଆସୋସିଏସନ୍ ସଭାପତି ବିପିନ ନାୟାର ସିଜେଆଇ ଗଭାଇଙ୍କୁ ଧନ୍ୟବାଦ ମଧ୍ୟ ଦେଇଥିଲେ, କହିଥିଲେ ଯେ ସେ ତଦନ୍ତ ଏଜେନ୍ସିଗୁଡ଼ିକ ଦ୍ୱାରା ଓକିଲମାନଙ୍କୁ ପଚରାଉଚରା ପାଇଁ ଡକାଯିବା ପ୍ରସଙ୍ଗରେ ସମ୍ବେଦନଶୀଳତା ଦେଖାଇଥିଲେ । ଧ୍ୟାନ ଦେଇଥିଲେ ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ।

## ପ୍ରଥମ ପୃଷ୍ଠାରୁ...

### ଦଳ ଓ ସରକାରରେ...

ଠେଲି ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହେବା ଦଳ ପାଇଁ ହୋଇଛି ସଞ୍ଜୀବନୀ ସଦୃଶ । ଦିନେ ବିଜେଡି ରାଜ୍ୟରେ ଏକ ନମ୍ବର ଦଳ ଭାବେ ନିଜକୁ ଜାହିର କରୁଥିବା ବେଳେ ବିଜେପି ଏବେ ସେହି ସ୍ଥାନ ଦଖଲ କରିନେଇଛି ଏବଂ ଆଗକୁ ସମବାୟ, ପଞ୍ଚାୟତ, ପୌର ନିର୍ବାଚନ ଲାଗି ରୋଡ୍‌ମ୍ୟାପ୍ ପ୍ରସ୍ତୁତି ଆରମ୍ଭ କରିଛି ।

ରାଜନୈତିକ ମହଲରେ ହେଉଥିବା ଚର୍ଚ୍ଚା ଅନୁଯାୟୀ ବିଜେପି ଶୀର୍ଷ ନେତୃତ୍ୱ ସହ ବିଜେଡିର ସଲାକୁଡି ଓ ଅସ୍ପଷ୍ଟ ରାଜନୈତିକ ଆଭିମୁଖ୍ୟ ଦଳ ପାଇଁ ଯେତିକି କାଳ ହୋଇଛି ଆଗକୁ ଆହୁରି ଅଧିକ ସଂକଟ ସୃଷ୍ଟି କରିବ । ବିଜେପି ବିଜେଡି ଆଡୁ ସହଯୋଗ ଭିକ୍ଷା କରିଥିବାର ସାଧାରଣରେ ଲକ୍ଷ୍ୟ କରାଯାଇନି । କିନ୍ତୁ ବିଜେଡି ଉପରେ ପଡ଼ି ସଂସଦରେ ବିଭିନ୍ନ ବିଲ୍‌ରେ ସମର୍ଥନ ଦେବା, ବିଜେପି ରାଜ୍ୟସଭା ପ୍ରାର୍ଥୀଙ୍କୁ ସମର୍ଥନ ଦେବା, ବିଜେଡିର ତଳସ୍ତରର କର୍ମୀଙ୍କ ପାଖରେ ଭୁଲ୍ ବାର୍ତ୍ତା ପହଞ୍ଚାଇଛି । କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଥିବାରୁ ସରକାର ଆଡୁ ବିପଦ ଆଶଙ୍କା କରି ବିଜେଡି ବରାବର ବିଜେପିକୁ ସମର୍ଥନ ଦେଉଥିବା ସାଧାରଣରେ ଧାରଣା ଦୃଢ଼ୀଭୂତ ହେବାରେ ଲାଗିଛି । ଏଇ ଧାରା ଜାରି ରହିଲେ ବିଜେଡିର ସ୍ଥିତି ଆହୁରି ଦୁର୍ବଳ ହେବାର ଆଶଙ୍କା ରହିଛି ।

ପ୍ରଥମରୁ ବିଜେପି ନେତୃତ୍ୱ ଆଶଙ୍କା କରୁଥିଲେ ବିଜେଡି ଦୁର୍ବଳ ହେଲେ କଂଗ୍ରେସକୁ ଫାଇଦା ଓ ବିଜେପି ପ୍ରତି ଆହ୍ୱାନ ସୃଷ୍ଟି ହେବ । କିନ୍ତୁ ନୂଆପଡ଼ା ଫଳାଫଳରୁ ସ୍ପଷ୍ଟ ହେଲା ଯେ ବିଜେଡି ଦୁର୍ବଳ ହେଲେ ବି କଂଗ୍ରେସ ଯେତିକି ଫାଇଦା ନେବା କଥା ନେଇପାରିବନି । ତା'ର କାରଣ ହେଉଛି ସମ୍ବଳ ଅଭାବ ଓ ଦଳରେ ଅନ୍ତଃକନ୍ଦଳ । ବିଜେଡି ଯେତିକି ଦୁର୍ବଳ ହେବ କଂଗ୍ରେସ ପରିବର୍ତ୍ତେ ବିଜେପି ଅଧିକ ସଶକ୍ତ ହେବାର ସଂକେତ ଉପନିର୍ବାଚନରେ ମିଳିଥିବାରୁ ଆଗକୁ ବିଜେପି ନେତୃତ୍ୱ ପୂର୍ବ ସରକାରର କଳା କାରନାମା ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାର ସମ୍ଭାବନା ଦୃଢ଼ୀଭୂତ ହୋଇଛି ।

### ଛାତ୍ରବୃତ୍ତି ବୃଦ୍ଧି...

କଂପାନୀମାନଙ୍କୁ ବିଭିନ୍ନ ପ୍ରକାର ଆର୍ଥିକ ପ୍ରୋତ୍ସାହନ ଯଥା ଜମି, ବିଦ୍ୟୁତ ଶୁଳ୍କ ରିହାତି ଏବଂ ନିଯୁକ୍ତି ସହାୟତା ଯୋଗାଇ ଦେବା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି ।

ରାଜ୍ୟରେ ଖଣିଜ ପଦାର୍ଥର ଚୋରା ଚାଲାଣ ଓ ବେଆଇନ ଖନନ ରୋକିବା ପାଇଁ 'ଓଡିଶା ଖଣିଜ ପଦାର୍ଥ (ବେଆଇନ ଖଣି ଖନନ ନିବାରଣ ଏବଂ ବାଣିଜ୍ୟ, ପରିବହନ ଓ ସଂରକ୍ଷଣ ନିୟନ୍ତ୍ରଣ) ନିୟମାବଳୀ, ୨୦୨୫' ପ୍ରଣୟନକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ଏହା ପୁରୁଣା ୨୦୦୭ ନିୟମାବଳୀକୁ ଉଚ୍ଛେଦ କରିବ । ଏହି ନୂତନ ନିୟମ ଦ୍ୱାରା ଖଣିଜ ପ୍ରଶାସନ ଅଧିକ ଦକ୍ଷ ହେବ ଏବଂ ବେଆଇନ କାରବାର ଉପରେ ରୋକ ଲଗାଯାଇପାରିବ । ଏହାବ୍ୟତୀତ, ଲଘୁ ଖଣିଜ ସଂପଦର ଆବଂଟନ ପାଇଁ ଇ-ଲଟେରୀ ବ୍ୟବସ୍ଥା ପ୍ରଚଳନ କରିବାକୁ ଓଡିଶା ଲଘୁ ଖଣିଜ ରିହାତି ନିୟମ, ୨୦୧୬ରେ ସଂଶୋଧନ କରାଯାଇଛି, ଯାହାଦ୍ୱାରା ସ୍ୱଚ୍ଛତା ବଜାୟ ରହିବ ।

କ୍ୟାବିନେଟ୍ ବୈଠକରେ ପରିବେଶ ସୁରକ୍ଷା ପାଇଁ 'ଜଳ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ସଂଶୋଧନ ଆଇନ, ୨୦୨୪' ଗ୍ରହଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି, ଯାହା ଶିଳ୍ପଗୁଡିକ ଉପରେ ନିୟାମକ ବୋଝ ହ୍ରାସ କରିବ । ସେହିପରି ଯୋଜନା ଓ ସଂଯୋଜନ ବିଭାଗ ଅଧୀନରେ ଥିବା ଓଡିଶା ଅଧସ୍ତନ ପରିସଂଖ୍ୟାନ ସର୍ଭେୟର କ୍ୟାଡରର ପୁନର୍ଗଠନ କରାଯାଇଛି । ଏହାଦ୍ୱାରା କର୍ମଚାରୀମାନଙ୍କ ଦରମା ବୃଦ୍ଧି ହେବା ସହ ପଦୋନ୍ନତି ସୁଯୋଗ ସୃଷ୍ଟି ହୋଇଛି । ସେହିପରି ୧୯୯୩ରୁ ୧୯୯୬ ମଧ୍ୟରେ ପୋଲିସ କର୍ମଚାରୀଙ୍କୁ ଦିଆଯାଇଥିବା ଅଗ୍ରହଣୀୟ ସ୍ୱତନ୍ତ୍ର ଡାଏଟ୍ ଭତ୍ତା ବାବଦକୁ ହୋଇଥିବା କ୍ଷତିକୁ ହିସାବରୁ ବାଦ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ସେହିପରି ଓଡିଶା ଅର୍ଥ ସେବା ନିୟମାବଳୀରେ ସଂଶୋଧନ କରାଯାଇ ଅଧିକାରୀମାନଙ୍କ ତାଲିମ ଅବଧି ନିର୍ଦ୍ଧାରଣ କରିବା କ୍ଷମତା ସରକାରଙ୍କ ହାତକୁ ଦିଆଯାଇଛି । ଏସବୁ ବ୍ୟତୀତ ଓଡିଶା ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିଛି ।

### ଲାଗୁ ହେଲା...

ସମୟରେ ହେଉଥିବା ଦୁର୍ଘଟଣାକୁ ଏବେ ନିଯୁକ୍ତି ସମ୍ପର୍କିତ ମନେ କରାଯିବ । ଏଣୁ ୱାର୍କର ଏକ୍ସିଡେଣ୍ଟ କମ୍ପେନସେସନ ଲାଗି ଯୋଗ୍ୟ ହେବେ ।

ଯେପରି ଲାଭ ମିଳୁଥିବ ସେଥିପାଇଁ ସରକାର ଆଧାର ସଂଯୁକ୍ତ ୟୁନିଭର୍ସାଲ ଆକାଉଣ୍ଟ ନମ୍ବର ଆରମ୍ଭ କରିଛନ୍ତି । ଏଣୁ ସବୁ ରାଜ୍ୟରେ ୱେଲଫେୟାର ସ୍କିମସ୍ ପର୍ଯ୍ୟନ୍ତ ୱାର୍କରଙ୍କ ପହଞ୍ଚ ସୁଗମ କରିବା ପାଇଁ ପୋର୍ଟେବଲ ଆକ୍‌ସେସ ମିଳିବ । ଏହି ଲେବର କୋଡ ସବୁ ପ୍ରକାରର ଲିଙ୍ଗଗତ ବିଭେଦତାକୁ ରୋକିବା ସହ ସମାନ କାମ ଲାଗି ସମାନ ବେତନ ନିଶ୍ଚିତ କରିବ । ଲେବର କୋଡ ଲାଗୁ ହେବା ପରେ ମହିଳାମାନେ ଏବେ ନାଇଟ୍ ସିଫ୍ଟ କରିପାରିବେ ଓ ସବୁ ପ୍ରକାରର ଉଦ୍ୟୋଗରେ କାମ କରିପାରିବେ । ଏଥିରେ ପୂର୍ବରୁ ନିଷିଦ୍ଧ ସେକ୍ଟର ଯେପରି ମାଇନିଂ ଓ ହେଭି ମେସିନାରୀ ମଧ୍ୟ ସାମିଲ, ତେବେ ଏଥି ଲାଗି ମହିଳାଙ୍କ ମଞ୍ଜୁରୀ ଓ ସମସ୍ତ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ ଥିବା ଦରକାର ।

ଲେବର କୋଡରେ ୨୬ ସପ୍ତାହର ପେଡ ଲିଭ, କ୍ରେଚ୍ ଫ୍ୟାସେଲିଟିଜ ଓ ଫ୍ଲେକ୍ସିବଲ ୱାର୍କ-ଫ୍ରମ-ହୋମ ଅପସନ ସହିତ ମେଟରନିଟି ବିନିଫିଟକୁ ଆହୁରି ମଜଭୁତ କରାଯାଇଛି । ଏହାଛଡା ମହିଳା କର୍ମଚାରୀଙ୍କୁ ୩,୫୦୦ ଟଙ୍କାର ମେଡିକାଲ ବୋନସ ମଧ୍ୟ ମିଳିବ । ସେହିପରି ମହିଳା କର୍ମଜୀବୀଙ୍କ ଫ୍ୟାମିଲି ଡେଫିନେସନକୁ ସମ୍ପ୍ରସାରଣ କରି ଏଥିରେ ଶାଶୂ ଓ ଶ୍ୱଶୁରଙ୍କୁ ମଧ୍ୟ ସାମିଲ କରାଯାଇଛି । ଏଣୁ ସୋସିଆଲ ସିକ୍ୟୁରିଟି ପ୍ରୋଭିଜନରେ ଡିପେଣ୍ଡାଣ୍ଟ କଭରେଜ ବଢ଼ିଛି । ଏହି ଲେବର କୋଡ ପୂର୍ବରୁ ଥିବା ୨୯ ଶ୍ରମ ଆଇନର ସ୍ଥାନ ନେବ ଓ ଆଜିଠୁ ଲାଗୁ ହୋଇଥିବା ନୂଆ ଲେବର ଲ ଫ୍ରେମୱାର୍କକୁ ତିଆରି କରିବେ ।

### ୨୦ ବର୍ଷ ପରେ...

କ୍ୟାବିନେଟ ସଦସ୍ୟଙ୍କୁ ବିଭାଗ ବଣ୍ଟନ କରାଯାଇଛି । ନୀତୀଶ କୁମାରଙ୍କୁ ମିଶାଇ ବିହାର କ୍ୟାବିନେଟରେ ୨୭ ଜଣ ସଦସ୍ୟ ରହିଛନ୍ତି । ଆଜି ସେମାନଙ୍କୁ ବିଭାଗ ବଣ୍ଟନ କରାଯାଇଛି । ନୀତୀଶ କୁମାରଙ୍କ ହାତରୁ ଗୃହ ବିଭାଗ ଯାଇଥିବା ବେଳେ ବିହାର ନୂଆ ଗୃହମନ୍ତ୍ରୀ ହୋଇଛନ୍ତି ସମ୍ରାଟ ଚୌଧୁରୀ । ସେହିପରି ରାଜ୍ୟର ଅନ୍ୟତମ ଉପ ମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ବିଜୟ କୁମାର ସିହ୍ନା ଜମି ଓ ରାଜସ୍ୱ ବିଭାଗ ପାଇଛନ୍ତି । ତାଙ୍କୁ ଅତିରିକ୍ତ ଭାବେ ଖଣି ଓ ଭୂତତ୍ତ୍ୱ ବିଭାଗ ମିଳିଛି ।

ବିଜେପିର ଅନ୍ୟତମ ନେତା ମଙ୍ଗଳ ପାଣ୍ଡେ ସ୍ୱାସ୍ଥ୍ୟ ଓ ଆଇନ ବିଭାଗର ମନ୍ତ୍ରୀ ହୋଇଛନ୍ତି । ବିହାର ବିଜେପି ମୁଖ୍ୟ ଦିଲୀପ ଜୈସ୍‌ୱାଲଙ୍କୁ ଶିଳ୍ପ ମନ୍ତ୍ରୀ କରାଯାଇଛି । ନୀତୀନ ନବୀନ ସଡକ ନିର୍ମାଣ ସହ ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗ ମିଳିଛି ।

ରାମକ୍ରିପାଲ ଯାଦବ କୃଷି ଓ ସଞ୍ଜୟ ଟାଇଗର ଶ୍ରମ ସମ୍ପଦ ମନ୍ତ୍ରୀ ହୋଇଛନ୍ତି । ଅରୁଣ ଶଙ୍କର ପ୍ରସାଦ ପର୍ଯ୍ୟଟନ ବ୍ୟତୀତ କଳା, ସଂସ୍କୃତି ଓ ଯୁବ ବ୍ୟାପାର ବିଭାଗ ପାଇଛନ୍ତି । ସୁରେନ୍ଦ୍ର ମହେତା ପଶୁ ଓ ମତ୍ସ୍ୟ ସମ୍ପଦ ବିଭାଗ ସମ୍ଭାଳିବେ । ନାରାୟାଣ ପ୍ରସାଦ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଭାବେ ଦାୟିତ୍ୱ ପାଇଛନ୍ତି ।

ପଛୁଆ ଓ ଅତ୍ୟନ୍ତ ପଛୁଆ ବର୍ଗ କଲ୍ୟାଣ ବିଭାଗ ମଧ୍ୟ ବିଜେପି ନିଜ ପାଖରେ ରଖିଛି । ରାମ ନିଶାଦ ଏହି ବିଭାଗର ମନ୍ତ୍ରୀ ହୋଇଛନ୍ତି । ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଲଖେନ୍ଦର ପାସୱାନଙ୍କୁ ମିଳିଛି । ଶ୍ରେୟାସୀ ସିଂହ ଆଇଟି ଓ କ୍ରୀଡା ବିଭାଗ ମନ୍ତ୍ରୀ ପଦ ପାଇଛନ୍ତି । ପ୍ରମୋଦ ଚନ୍ଦ୍ରବଂଶୀଙ୍କୁ ସମବାୟ ଓ ପରିବେଶ-ଜଙ୍ଗଲ-ଜଳବାୟୁ ପରିବର୍ତ୍ତନ ବିଭାଗ ଦିଆଯାଇଛି ।

ଚିରାଗ ପାଶୱାନଙ୍କ ଏଲଜେପି(ରାମ ବିଳାଶ)ର ୨ ଜଣ ମନ୍ତ୍ରୀ ଭାବେ ଶପଥ ନେଇଥିଲେ । ସେମାନଙ୍କୁ ସୁଗାରକେନ ଉଦ୍ୟୋଗ ଓ ଲୋକ ସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ବିଭାଗ ମିଳିଛି । ଜିତେନ ରାମ ମାଞ୍ଝୀଙ୍କ ଦଳ ଲଘୁ ଜଳ ସମ୍ପଦ ବିଭାଗ ମିଳିଛି । ସୁମନ ସନ୍ତୋଷ ଏହି ବିଭାଗ ପାଇଛନ୍ତି । ଆରଏସଏଲର ଦୀପକ ପ୍ରକାଶ ପଞ୍ଚାୟତି ରାଜ ବିଭାର ମନ୍ତ୍ରୀ ପଦ ପାଇଛନ୍ତି । ଜେଡିୟୁର ବିଜେନ୍ଦ୍ର କୁମାର ଯାଦବ ଗୁରୁତ୍ୱପୂର୍ଣ୍ଣ ଅର୍ଥ ବିଭାଗ ପାଇଛନ୍ତି । ଏଥିସହ ଶକ୍ତି ବିଭାଗ ଦାୟିତ୍ୱ ତାଙ୍କ ପାଖରେ ରହିଛି । ବିଜୟ ଚୌଧୁରୀ ଜଳ ସମ୍ପଦ ସହ ଭବନ ନିର୍ମାଣ ମନ୍ତ୍ରୀ ହୋଇଛନ୍ତି । ଶ୍ରବଣ କୁମାର ଗ୍ରାମୀଣ ବିକାଶ ବିଭାଗ ପାଇଛନ୍ତି ।

### ଘୋଷଯାତ୍ରା ୨୦୨୬...

ନିର୍ଦ୍ଧାରଣ କରାଯାଇଛି । ଏଥିମଧ୍ୟରୁ ୩୦ ତାରିଖ ଦିନଟି ସର୍ବୋତ୍କୃଷ୍ଟ ରହିଥିବା ଗଣକଙ୍କ ପକ୍ଷରୁ କୁହାଯାଇଛି । ପରମ୍ପରା ତଥା ରିତିନୀତି ଅନୁଯାୟୀ ନୟାଗଡ ଜିଲ୍ଲା ଗଣିଆ ବଡମୂଳ ସ୍ଥିତ ମା'ବଡରାଉଳଙ୍କ ପୀଠରେ ରଥକାଠ ଅନୁକୂଳ ପୂଜା ଅନୁଷ୍ଠିତ ହେବାପରେ ପ୍ରତିବର୍ଷ ରଥକାଠ କଟାଯିବା କାର୍ଯ୍ୟ ଆରମ୍ଭ ହୋଇଥାଏ । ଆବାହମାନ କାଳରୁ ଏହି କାଠକୁ ନୟାଗଡ ବନଖଣ୍ଡ ଅଧୀନସ୍ଥ ଦଶପଲ୍ଲା ବନାଞ୍ଚଳରୁ ଯୋଗାଇ ଦିଆଯିବା ପରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ । ମା' ବଡରାଉଳଙ୍କ ପୀଠରେ ମହାପ୍ରଭୁ ଜଗନ୍ନାଥଙ୍କ ଆଜ୍ଞାମାଳ ଆସି ପହଞ୍ଚିବା ପରେ ଦଶପଲ୍ଲା ବନାଞ୍ଚଳ ପକ୍ଷରୁ ଏହି ପୂଜାନୀତି ଅନୁଷ୍ଠିତ ହୁଏ । ମା' ବଡରାଉଳଙ୍କ ପୀଠରେ ପୂଜାପରେ ମାଘ ମାସ ଶୁକ୍ଳ ପଞ୍ଚମୀ ଅର୍ଥାତ୍ ସରସ୍ୱତୀ ପୂଜାଦିନ ରଥଖଳାରେ ରଥ ନିର୍ମାଣ ପାଇଁ ଅନୁକୂଳ ପୂଜା ନିମନ୍ତେ ପ୍ରଥମ ପର୍ଯ୍ୟାୟ ରଥକାଠ ଦଶପଲ୍ଲା ବନାଞ୍ଚଳରୁ ହିଁ ପହଞ୍ଚିଥାଏ । ରଥଖଳାରେ ନିର୍ଦ୍ଧାରିତ ସମୟ ପୂର୍ବରୁ ୧୨ ଫୁଟ ଲମ୍ବର ୩ଟି ଧଉରା କାଠ ପହଞ୍ଚିବାର ନିୟମ ରହିଛି । ପୂଜକଙ୍କ ଏହି ଟିପଣୀକୁ ବନଖଣ୍ଡ ଅଧିକାରୀଙ୍କ ନିକଟକୁ ପଠାଇବା ପରେ ଶ୍ରୀମନ୍ଦିର ପ୍ରଶାସକ ନିକଟକୁ ଏହାକୁ ପଠାଯିବ । ଏହି ଦୁଇଟି ଦିନ ମଧ୍ୟରୁ ଯେ କୌଣସି ଗୋଟିଏ ଦିନ ଶ୍ରୀ ମନ୍ଦିର ପ୍ରଶାସକ ଧାର୍ଯ୍ୟ କରିବେ । ମା' ବଡରାଉଳଙ୍କ ପୀଠରେ ପ୍ରଭୁ ଜଗନ୍ନାଥଙ୍କ ଆଜ୍ଞାମାଳ ପହଞ୍ଚିବା ପରେ ପୂଜା ଉତ୍ସବ ଅନୁଷ୍ଠିତ ହେବବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି ।

### ଏୟାର ଶୋ'ରେ...

ଏହି ଦୁର୍ଘଟଣା ଘଟିଥିଲା, ଯେତେବେଳେ ହଜାର ହଜାର ଦର୍ଶକ ବିମାନର ଏରୋବାଟିକ୍ସ ଦେଖୁଥିଲେ । ଆକାଶରେ ଗତି କରୁଥିବା ସମୟରେ, ପାଇଲଟ୍ ହଠାତ୍ ବିମାନ ଉପରୁ ନିୟନ୍ତ୍ରଣ ହରାଇଲେ, ଯାହା ଫଳରେ ଏହା ଭୂମିରେ ଖସି ପଡ଼ିଥିଲା । ଦୁର୍ଘଟଣା ପରେ, ଦୁବାଇ ଏୟାର ଶୋ'କୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖାଯାଇଛି । ଏମିରେଟସ୍‌ର ୪୦ ତମ ପ୍ରତିଷ୍ଠା ଦିବସ ଅବସରରେ ଏହି ଏୟାର ଶୋ' ଆୟୋଜିତ ହୋଇଛି । ଏହି ଶୋ'ରେ ଅଂଶଗ୍ରହଣ କରିଥିବା ଦେଶଗୁଡ଼ିକ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ । ଏଥିରେ ସାମିଲ ହୋଇଥିବା ଲଢୁଆ ବିମାନଗୁଡ଼ିକ ଉପରେ ସମଗ୍ର ବିଶ୍ୱର ନଜର ରହିଛି । ଆଧୁନିକ ଏବଂ ଶକ୍ତିଶାଳୀ ଲଢୁଆ ବିମାନ କ୍ରୟ କରିବାକୁ ଚାହିଁବେ ଅନେକ ଦେଶ । କିନ୍ତୁ ଏଭଳି ସମୟରେ ଭାରତୀୟ ଜ୍ଞାନକୌଶଳରେ ନିର୍ମିତ ତେଜସ୍ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଭାରତ ପାଇଁ ଆଦୌ ଶୁଭ ଖବର ନୁହେଁ । ତେଜସ୍ ହେଉଛି ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ଦ୍ୱାରା ନିର୍ମିତ ଏକ ୪.୫ -ପିଢ଼ିର ମଲିଟିରୋଲ୍ ଯୁଦ୍ଧ ବିମାନ ଯାହା ବାୟୁ-ପ୍ରତିରକ୍ଷା ମିଶନ, ଆକ୍ରମଣାତ୍ମକ ବାୟୁ ସମର୍ଥନ ଏବଂ ନିକଟ ଯୁଦ୍ଧ କାର୍ଯ୍ୟ ସମ୍ପାଦନ କରିଥାଏ ।

### ଅକ୍ଷୟ ତୃତୀୟା ...

ରଥଯାତ୍ରାକୁ ମନଇଚ୍ଛା କରୁଛି । ଏଥିରେ ତୁରନ୍ତ କଟକଣା ପାଇଁ କମିଟି ପ୍ରସ୍ତାବ ଦେଇଛି । ବିଭିନ୍ନ ଶଙ୍କରାଚାର୍ଯ୍ୟମାନଙ୍କଠାରୁ ପ୍ରସ୍ତାବ ଗ୍ରହଣ କରାଯିବା ପରେ କଠୋର ପଦକ୍ଷେପ ନିଆଯିବ । ପୁରୀବାସୀଙ୍କ ସୁବିଧା ଦର୍ଶନ ଓ ପ୍ରବେଶ ପାଇଁ 'ପୁରୀବାସୀଙ୍କ ସ୍ୱତନ୍ତ୍ର ଶ୍ରୀମନ୍ଦିର ପ୍ରବେଶ ଅଭିଯାନ ମଞ୍ଚ'ର ବିଭିନ୍ନ ପ୍ରସ୍ତାବ ଉପରେ ଆଜି କମିଟି ଆଲୋଚନା କରିଛି । ଅନ୍ୟ ଭକ୍ତମାନେ ଯେଭଳି ପ୍ରଭାବିତ ହେବେନି, କି ପ୍ରକାରର ପରିଚୟ ପତ୍ର ବ୍ୟବସ୍ଥା କଲେ ପରିଚୟପତ୍ରର ଦୁରୁପଯୋଗ ହେବ ନାହିଁ, ବିଭିନ୍ନ ଦିଗରୁ ସେବାୟତଙ୍କ ସହ ଆଲୋଚନା କରି ଏସ୍ପି ଓ ଜିଲ୍ଲାପାଳ ଏକ ଏସଓପି ପ୍ରସ୍ତୁତ କରିବେ । ଏହା ପରେ ଠୋସ୍ ନିଷ୍ପତ୍ତି ନିଆଯିବ । ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଆଇନ୍‌ରେ ସଂଶୋଧନ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସରକାରଙ୍କୁ ଚିଠି ଲେଖିଛନ୍ତି ।

### ଭଗବତୀପୁରରେ ତୁରନ୍ତ...

ଠାରୁ ଆରମ୍ଭ କରି ଲୋକପାଳଙ୍କ ପର୍ଯ୍ୟନ୍ତ ଯାଇଥିଲେ । କିନ୍ତୁ ଏହାର କୌଣସି ସୁଫଳ ନ ମିଳିବାରୁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏହି ମାମଲାରେ ରାୟ ପ୍ରକାଶ କରି ସମଗ୍ର ରାଜ୍ୟରେ ବିଭିନ୍ନ ସ୍ଥାନରେ ହେଉଥିବା ଜବର ଦଖଲକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି । ଏହି ଜବର ଦଖଲକୁ ତୁରନ୍ତ ହଟାଇବା ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das   ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ   Chief Editor : Umapada Bose   ମୁଖ୍ୟ ସମ୍ପାଦକ : ଉମାପଦ ବୋଷ